

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୭ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 27 DECEMBER 2023

Vol.No. 34 ■ No. 339 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ରାଉରକେଲାରୁ କୋଲାକତା ଉଡ଼ିବ ବିମାନ

ରାଉରକେଲା, ୨୬/୧୨ (ନି.ପ୍ର): ରାଉରକେଲାରୁ କୋଲାକାତା ବିମାନ ଚାଲିବ । ସପ୍ତାହକୁ ୩ଦିନ ଚାଲିବ । ପ୍ରାରମ୍ଭିକ ଭଡ଼ା ୧୯୯୯ଟଙ୍କା ରହିଛି । ରାଜ୍ୟ ସରକାର ଏଥିପାଇଁ ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ରାଜ୍ୟ ସରକାରଙ୍କ ସହଯୋଗରେ ରାଉରକେଲାରୁ କୋଲକାତାକୁ ବିମାନ ସେବା ଆରମ୍ଭ ହେବ । ▶▶ପୃଷ୍ଠା ୭

## ଆରବିଆଇ କାର୍ଯ୍ୟାଳୟକୁ ବୋମା ପକାଇ ଉଡ଼ାଇ ଦେବାକୁ ଧମକ




ନୂଆଦିଲ୍ଲୀ, ୨୬/୧୨ : ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆକୁ ମିଳିଲା ଧମକ । ମୁମ୍ବାଇରେ ଥିବା ଆରବିଆଇ କାର୍ଯ୍ୟାଳୟକୁ ବୋମା ପକାଇ ଉଡାଇ ଦେବାକୁ ଧମକ ମିଳିଛି । କେବଳ ସେତିକି ନୁହେଁ ମୁମ୍ବାଇର ପ୍ରାୟ ୧୧ଟି ସ୍ଥାନରେ ବୋମା ରଖାଯାଇଥିବା ନେଇ ଆରବିଆଇକୁ କେହି ଜଣେ ଦୁର୍ବୃତ୍ତ ଧମକ ଦେଇଛି । ଏକ ଇ-ମେଲ ମାଧ୍ୟମରେ ଏହି ଧମକ ମିଳିଛି । ଇ-ମେଲ ପଠାଇଥିବା ବ୍ୟକ୍ତି ନିଜକୁ ଭାରତ ବିରୋଧୀ ବୋଲି ଦାବି କରିଛି । ଏହାକୁ ନେଇ ଏବେ ହଇଚଇ ସୃଷ୍ଟି ହୋଇଛି । ସୂଚନା ମୁତାବକ, ଆଜି ସାକଲୁ ମୁମ୍ବାଇ ସ୍ଥିତ ଆରବିଆଇ କାର୍ଯ୍ୟାଳୟକୁ ଏକ ଧମକପୂର୍ଣ୍ଣ ଇ-ମେଲ ମିଳିଥିଲା ଯେଉଁଥିରେ ଅନେକ ସ୍ଥାନରେ ବୋମା ଲଗାଯାଇଥିବା ଦାବି କରାଯାଇଥିଲା । ଇ-ମେଲରେ ଆରବିଆଇ କାର୍ଯ୍ୟାଳୟ, ଏଚଡିଏଫସି ବ୍ୟାଙ୍କ ଏବଂ ଆଇସିଆଇସିଆଇ ବ୍ୟାଙ୍କରେ ବୋମା ରଖାଯାଇଥିବା ଦାବି କରାଯାଇଥିଲା । କେବଳ ସେତିକି ନୁହେଁ ଇ-ମେଲ ମାଧ୍ୟମରେ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଇସ୍ତଫା ଦାବି କରାଯାଇଥିଲା । ମୁମ୍ବାଇର ମୋଟ ୧୧ଟି ସ୍ଥାନରେ ବୋମା ରଖାଯାଇ ଉଡ଼ାଇ ଦେବାକୁ ଏଥିରେ ଧମକ ଦିଆଯାଇଥିଲା । ଏହି ଇ-ମେଲ ଅନୁଯାୟୀ ଆଜି ମଧ୍ୟାହ୍ନ ପ୍ରାୟ ସାଢ଼େ ଗୋଟେ ସମୟରେ ଏହି ବିସ୍ଫୋରଣ ଘଟିବାର ଥିଲା କିନ୍ତୁ ଏଭଳି କିଛି ଘଟିନାହିଁ । ସେପଟେ ଧମପୂର୍ଣ୍ଣ ଇ-ମେଲ୍ ଆସିବା ପରେ ପୁଲିସ ଚାରିଆଡେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ । ତେବେ ସର୍ଚ୍ଚ ବେଳେ ସେପରି କୌଣସି ସନ୍ଦିଗ୍ଧ ଜିନିଷ ମିଳିନଥିଲା । ଏହି ଘଟଣାରେ ଏବେ ପୁଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । କିଏ ଏହି ଇ-ମେଲ ପଠାଇଛି ସେ ନେଇ ଯାଞ୍ଚ ଚାଲିଛି ।

## ରାଜ୍ୟରେ ଆଉ ଜଣେ କରୋନା ପଜିଟିଭ ଚିହ୍ନଟ: ସଂଖ୍ୟା ୩କୁ ବୃଦ୍ଧି



ଭୁବନେଶ୍ୱର, ୨୬ /୧୨ (ନି.ପ୍ର): ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଥିବା ବେଳେ ଓଡ଼ିଶାରେ ଗତ ୨୪ ଘଣ୍ଟା ମଧ୍ୟରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏଥିସହ ରାଜ୍ୟରେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୩କୁ ବୃଦ୍ଧି ପାଇଛି । ସପ୍ତାହକ ମଧ୍ୟରେ ରାଜ୍ୟରେ ୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେଲେଣି । ଦେଶରେ ମଧ୍ୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଗତକାଲି ଦିନକରେ ୬୨୮ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୪ ହଜାର ଟପିଛି । କୋଭିଡରେ ଗତ ୨୪ ଘଣ୍ଟା ମଧ୍ୟରେ କେରଳରେ ଜଣଙ୍କର ମୃତ୍ୟୁ ହୋଇଛି । ଜେଏନ.୧ ସବ୍ ଭାରିଆଣ୍ଟ ଚିନ୍ତା ବଢାଇ ଥିବାବେଳେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

## ନୂଆ ବର୍ଷରେ ରାଜଧାନୀରେ ରାତି ସାଢ଼େ ୧୨ଟା ଯାଏ ହୋଟେଲ,ବାର୍ ଖୋଲା ରହିବ

ଭୁବନେଶ୍ୱର, ୨୬ /୧୨ (ନି.ପ୍ର): ବାର୍ ଓ ହୋଟେଲ ଗୁଡ଼ିକ ପାଇଁ ନ୍ୟୁ ଇୟର୍ ଗାଇଡ୍‌ଲାଇନ୍ ଜାରି । ରାତି ୧୨.୩୦ ଯାଏ ହୋଟେଲ୍ ଓ ବାର୍ ଖୋଲିପାରିବେ । ଆଉ ଅଧିକ ସମୟ ପାଇଁ ଖୋଲିବାକୁ ହେଲେ ସ୍ୱତନ୍ତ୍ର ଅନୁମତି ଦରକାର । ଅତ୍ୟଧିକ ମଦ୍ୟପାନ ରୋକିବାକୁ ନଜର ରଖାଯିବ । ଏଥର ନୂଆ ବର୍ଷରେ ରାଜଧାନିରେ ଅଧିକ ମଦ୍ୟପାନ କରି ପାରିପାରିବେ ନାହିଁ । ଆଜି ହୋଟେଲ ଓ ବାର୍ ମାଲିକଙ୍କ ସହ ଏ ସମ୍ପର୍କରେ ଆଲୋଚନା କରାଯାଇଛି । ନୂଆ ବର୍ଷ ପାଇଁ ତାର ଗାଇଡ ଲାଇନ ଜାରି କରିଛି କମିଶନରେଟ୍ ପୁଲିସ । ହୋଟେଲ ଓ ବାର୍ ଗୁଡ଼ିକରେ କିପରି ନୂଆ ବର୍ଷ ପାଳନକାରାଯିବ । ଡିସିପିଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକ ପରେ କେତେକ ଗାଇଡ ଲାଇନ ଜାରି କରିଛି ପୁଲିସ ।

## ଧାନକିଣାରେ ବିଜେଡିର ଦଳୀୟ ପାଣ୍ଠିକୁ ଯାଉଛି ହଜାରେ କୋଟି ଟଙ୍କା: ବିଜେପି



ଭୁବନେଶ୍ୱର, ୨୬ /୧୨ (ନି.ପ୍ର): ରାଜ୍ୟରେ ଚାଷୀଙ୍କଠୁ ଯେଉଁ ଧାନକିଣା ହେଉଛି ତା'ପଛରେ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏକ ବଡ଼ ସିଣ୍ଡିକେଟ୍ କାମ କରୁଛି । ସମସ୍ତଙ୍କ ମିଳିତ ମଧୁଚନ୍ଦ୍ରିକାରେ ବିଜେଡିକୁ ଦଳୀୟ ପାଣ୍ଠି ଆକାରରେ ବର୍ଷକୁ ପ୍ରାୟ ଏକ ହଜାର କୋଟି ଟଙ୍କା ମିଳୁଛି । ଏଭଳି ସଙ୍ଗୀନ ଅଭିଯୋଗ ଆଣି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ବିଜେପି । ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର ଅଭିଯୋଗ କରିଛନ୍ତି ଯେ, ବାସ୍ତବରେ ରାଜ୍ୟର ଚାଷୀକୂଳର କାଳ ସାଜିଛି ଶାସକ ବିଜେଡି । ଓଡିଶାର ଚାଷୀଙ୍କର କୌଣସି ଅର୍ଥନୈତିକ ଉନ୍ନତି ହୋଇନାହିଁ । ବିଜେଡିର ୨୪ ବର୍ଷର ଶାସନରେ ଚାଷୀଙ୍କ ମୁଣ୍ଡ ପିଛା ଆୟ ମାତ୍ର ୨୭ ଟଙ୍କା ବଢ଼ିଛି । ବିଜେଡି ଶାସନକୁ ଆସିବା ସମୟରେ ଚାଷୀଙ୍କ ଆୟ ମାତ୍ର ୫୦୮୫ ଟଙ୍କା ଥିଲା, ଏବେ ୨୪ ବର୍ଷ ପରେ ଏହା ବୃଦ୍ଧି ପାଇ ମାତ୍ର ୫୧୧୨ ଟଙ୍କାରେ ପହଂଚିଛି । ଓଡ଼ିଶାରେ ଚାଷୀଙ୍କ ଆୟ ସର୍ବଭାରତୀୟ ସ୍ତରର ଆୟଠାରୁ ସବୁଠାରୁ କମ୍ ଏବଂ ବ୍ୟୟରେ ମଧ୍ୟ କମ୍ । ▶▶ପୃଷ୍ଠା ୭

## ଇଡକୋ ସିଜିଏମଙ୍କ ଘରୁ ପୁଳାପୁଳା ସମ୍ପତ୍ତି ଓ ଅଟା କଳ ଠାବ




ଭୁବନେଶ୍ୱର, ୨୬ /୧୨ (ନି.ପ୍ର): ବରିଷ୍ଠ ଓଏଏସ୍ ଅଧିକାରୀ ତଥା ଇଡକୋ ଚିଫ୍ ଜେନେରାଲ ମ୍ୟାନେଜର(ପିଆଣ୍ଡଏ) ସରୋଜକାନ୍ତ ମହାନ୍ତିଙ୍କ ଘରୁ ପୁଳାପୁଳା ଟଙ୍କା ଓ ସମ୍ପତ୍ତି ଠାବ କରିଛି ରାଜ୍ୟ ଭିଜିଲାନ୍ସ । ଆୟବର୍ହିଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ରାଜ୍ୟ ଭିଜିଲାନ୍ସ ଆଜି ଶ୍ରୀ ମହାନ୍ତିଙ୍କ ସରକାରୀ ବାସଭବନ ସମେତ ମୋଟ ୭ଟି ସ୍ଥାନରେ ଚଢ଼ଉ କରି କୋଟି କୋଟି ଟଙ୍କାର ମୂଲ୍ୟବାନ ସମ୍ପତ୍ତି ଠାବ କରିଛି । ଏହି ସମ୍ପତ୍ତିଗୁଡ଼ିକର ପରିମାଣ ବହୁ କୋଟି ଟଙ୍କା ହେବ ବୋଲି ପ୍ରାରମ୍ଭିକ ଆକଳନ କରାଯାଉଛି । ଏହାସହିତ ତାଙ୍କର ବ୍ୟାଙ୍କ, ବୀମା ଆଦିବରେ ୭୦.୫୫ଲକ୍ଷ ଟଙ୍କାର ଡିପୋଜିଟ୍, ୭୦୩ଗ୍ରାମ ସୁନା ଓ ୮୬୯ଗ୍ରାମ ରୂପା, ତାଙ୍କର ଗୋଟିଏ ଅଟା କଳ ମଧ୍ୟ ଥିବା ଭିଜିଲାନ୍ସ ଚଢ଼ଉବେଳେ ଜାଣିବାକୁ ପାଇଛି । ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଚଢ଼ଉବେଳେ ଶ୍ରୀ ମହାନ୍ତି ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ଥିବା କୋଟିକୋଟି ଟଙ୍କାର ସମ୍ପତ୍ତି ମିଳିଛି । କଟକସ୍ଥିତ ମହାନଦୀ ବିହାର ଅଂଚଳରେ ୬୨୦୦ବର୍ଗଫୁଟର ଏକ ତିନିମହଲା ଘର, ଯାଜପୁରର ଧର୍ମଶାଳାର ବ୍ରହ୍ମବରଦାଠାରେ ୩୩୦୦ବର୍ଗଫୁଟର ଗୋଟିଏ ଦୁଇମହଲା କୋଠା,ଶୈଳଶ୍ରୀ ବିହାରର ଅମୃତ ଆଳୟମରେ ୩ବେଡରୁମ୍ ଫ୍ଲାଟ, ବାରଙ୍ଗର ପାଟପୁରସ୍ଥିତ ମେଟ୍ରୋ ଗ୍ରୀନ୍ ଓ୍ୱୁଡସରେ ▶▶ପୃଷ୍ଠା ୭

## ୨୦୨୪ରେ ପୁଣି ଆସିବ ମୋଦୀ ସରକାର

### ◆ଲୋକସଭା ନିର୍ବାଚନରେ ୨୯୫ରୁ ୩୫୫ ଆସନ ପାଇବ ଏନଡିଏ

### ◆୧୬୫ରୁ ୨୦୫ ଆସନରେ ରହିବ ଇଣ୍ଡିଆ ମେଂଟ



ନୂଆଦିଲ୍ଲୀ, ୨୬/୧୨ : ୨୦୨୪ରେ ପୁଣି ଆସିବ ମୋଦୀ ସରକାର । ଘରୋଇ ନ୍ୟୁଜ ଚ୍ୟାନେଲ ସଂସ୍ଥା ଏବିପି ପକ୍ଷରୁ କରାଯାଇଥିବା ସର୍ଭେରେ ପୁଣି ଥରେ ମୋଦୀ ସରକାର ଆସିବ ବୋଲି କୁହାଯାଇଛି । ବିରୋଧୀ ଦଳମାନେ ବିହାର, ପଞ୍ଜାବ, ମହାରାଷ୍ଟ୍ର, ତେଲେଙ୍ଗାନାରେ ଭଲ ପଦର୍ଶନ କରିବ ବୋଲି ରିପୋର୍ଟ ପ୍ରକାଶ ପାଇଛି । ସର୍ଭେ ମୁତବାକ, ଆସନ୍ତା ଲୋକସଭା ନିର୍ବାଚନରେ ବିଜେପି ନେତୃତାଧୀନ ଏନଡିଏ ୨୯୫ରୁ ୩୩୫ ସିଟ୍ ପାଇବ । ସେହିଭଳି ବିରୋଧୀ ଇଣ୍ଡିଆ ମେଂଟ ୧୬୫ରୁ ୨୦୫ ଆସନରେ ବିଜୟୀ ହେବ । ଦକ୍ଷିଣ ଭାରତ ସହ ବିହାର,ପଞ୍ଜାବ, ମହାରାଷ୍ଟ୍ରରେ ଭଲ ପଦର୍ଶନ କରିବ ମେଂଟ । ୨୦୨୪ରେ ମୋଦୀ ସରକାର ଆସୁଥିଲେ ବି ଦକ୍ଷିଣ ଭାରତ ବିଜେପି ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ । ଟେଲିଫୋନ ଜରିଆରେ ୫୪୩ ଲୋକସଭା ଆସନକୁ ଏହି ସର୍ଭେ କରାଯାଇଥିଲା । ▶▶ପୃଷ୍ଠା ୭

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ମହାପ୍ରଭୁ ଲିଙ୍ଗରାଜଙ୍କୁ ନିମନ୍ତ୍ରଣ



ଭୁବନେଶ୍ୱର, ୨୬ /୧୨ (ନି.ପ୍ର): ମହାପ୍ରଭୁ ଲିଙ୍ଗରାଜଙ୍କୁ ନିମନ୍ତ୍ରଣ ସହ ଆରମ୍ଭ ହୋଇଛି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ଦେବ ନିମନ୍ତ୍ରଣ ପର୍ବ । ଏଥିସହ ଲୋକାର୍ପଣ ଉତ୍ସବକୁ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଆଜି ନିମନ୍ତ୍ରଣ କରାଯାଇଛି । ଜାନୁଆରୀ ୧୭ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ଗୋଟିଏ ପଟେ ଭବ୍ୟ ଆୟୋଜନ ଚାଲିଥିଲା ବେଳେ ଅନ୍ୟପଟେ ବଡ଼ଦାଣ୍ଡରେ ଭକ୍ତଙ୍କ ବ୍ୟାରିକେଡ୍ ଯନ୍ତ୍ରଣା ବଢ଼ି ବଢ଼ି ଚାଲିଛି । ଆଜି ପ୍ରଭୁ ଲିଙ୍ଗରାଜଙ୍କୁ ନିମନ୍ତ୍ରଣ ପାଇଁ ପୁରୀରୁ ଆସିଥିଲେ ପ୍ରତିନିଧି ମଣ୍ଡଳୀ । ଆକର୍ଷଣୀୟ ଝୋଟି ଓ ଚିତା ସାଙ୍ଗକୁ ପାରମ୍ପରିକ ନୃତ୍ୟସଂଗୀତ ମାଧ୍ୟମରେ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ▶▶ପୃଷ୍ଠା ୭

### ମାତୃଭୂମି ସେବା ସଂସ୍ଥାର ସ୍ୱନକ୍ଷତ୍ର ଦିବସ

## କରୁଣାକରଙ୍କ 'ମୋ ଚଲାପଥର କାହାଣୀ' ଉନ୍ମୋଚିତ



ରେମୁଣା, ୨୬/୧୨ (ନି.ପ୍ର): ମାତୃଭୂମି ସେବା ସଂସ୍ଥାର ସ୍ୱନକ୍ଷତ୍ର ଦିବସ ଓ ସାହିତ୍ୟିକ କରୁଣାକର ଖଟୁଆଙ୍କ 'ମୋ ଚଲା ପଥର କାହାଣୀ' ଗ୍ରନ୍ଥର ଉନ୍ମୋଚନ ଉତ୍ସବ ବାବା ତ୍ରିବେଣୀଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି । ସଭାପତି ପ୍ରଦୀପ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି କବି କାଳୀପଦ ପଣ୍ଡା, ମୁଖ୍ୟବକ୍ତା ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ଅତିଥି ଶିକ୍ଷାବିତ୍ ଡ. ଭାଗବତ ପ୍ରସାଦ ଦାସ, ସମୀକ୍ଷକ ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ । ସମ୍ପାଦକ କରୁଣାକର ଜେନା ସେବା ସଂସ୍ଥାର ବାର୍ଷିକ ବିବରଣୀ ପାଠ ଓ ଅଜିତ୍ କୁମାର ପଣ୍ଡା ମଞ୍ଚ ଆହ୍ୱାନ କରିଥିଲେ । ନିରଂଜନ ଗିରିଙ୍କ ରଚିତ ସ୍ୱାଗତ ସଙ୍ଗୀତକୁ ଶ୍ରାବଣୀ ଓ ବୈଶାଖୀ ଗାନ କରିଥିଲେ । ସଭା ପ୍ରାରମ୍ଭରେ ରାମଧୁନ ଗାନ କରାଯାଇଥିଲା । ଉପ ସଭାପତି ଓ ରତ୍ନାକର ସିଂହ ସ୍ୱାଗତ ଭାଷଣ ଓ ଇଂ କମଳଲୋଚନ ପଣ୍ଡା ଧନ୍ୟବାଦ ଦେଇଥିଲେ । ସଭାରେ ବିଭିନ୍ନ ସେବା ସଙ୍ଗଠନକୁ ସମ୍ବର୍ଦ୍ଧିତ କରାଯିବା ସହ ଗରିବ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା । ମଠାଧିଶ ଦୟାନନ୍ଦ ଦାସ ମହାରାଜ ସମାଜସେବୀ ରତ୍ନାକର ପଣ୍ଡା ଓ ସାହିତ୍ୟିକ ଶ୍ରୀ ଖଟୁଆଙ୍କୁ ଅଙ୍ଗବସ୍ତ୍ର, ଚାରାଗଛ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଯୋଗେଶ ଚନ୍ଦ୍ର ବେହେରା, ସତ୍ୟଭାମା ମୁଦୁଲି, ପ୍ରଭାକର ସାହୁ ଓ ମଧୁସୂଦନ ମାଝୀଙ୍କ ସଂଯୋଜନାରେ 'ସେବା' ଆଧାରିତ କବିତା ପାଠ କରାଯାଇଥିଲା । ବିଧାନ ଚନ୍ଦ୍ର ରାୟ, ଜୟଶ୍ରୀ ମିଶ୍ର, ଚକ୍ରଧର ଦାସ, ହରେକୃଷ୍ଣ ପଲେଇ, ତପନ ଦାସ, ଅଜୟ ବାରିକ, ଅଦ୍ୱୈତ ମହାନ୍ତିଙ୍କ ସମେତ ବହୁ ସାହିତ୍ୟିକ କବିତା ପାଠ କରିଥିଲେ ।

## ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ପୂର୍ବରୁ ପୋଷ୍ଟର ବିବାଦ



ନୂଆଦିଲ୍ଲୀ, ୨୬/୧୨ : ରାମ ମନ୍ଦିର ପ୍ରାଣ ପ୍ରତିଷ୍ଠା ପୂର୍ବରୁ ପୋଷ୍ଟର ବିବାଦ । କର୍ଣ୍ଣାଟକ ବିଜେପିର ପୋଷ୍ଟରକୁ ନେଇ ବଢୁଛି ଅଡୁଆ । ମୋଦୀଙ୍କ ହାତ ଧରି ବାଳୁତ ରାମ ମନ୍ଦିରକୁ ଯାଉଥିବା ଚିତ୍ରକୁ କଂଗ୍ରେସର ତୀବ୍ର ବିରୋଧ । ଆସନ୍ତା ୨୨ତାରିଖରେ ଅଯୋଧ୍ୟା ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ । ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି । ଏନେଇ କର୍ଣ୍ଣାଟକ ବିଜେପି ଏକ ପୋଷ୍ଟ କରି ଜାରି କରିଥିବା ଏକ ଫଟୋ ନୂଆ ବିବାଦ ସୃଷ୍ଟି କରିଛି । ପୋଷ୍ଟରରେ ଦେଖିବାକୁ ମିଳିଛି ବାଳୁତ ରାମ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହାତ ଧରି ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି । ଉଭୟଙ୍କ ପଛପାଶ୍ୱର୍ର ଚିତ୍ର ରଖାଯିବା ସହ ଉପରେ ଏକ ବ୍ୟାନରରେ ରାମ ମନ୍ଦିର ପ୍ରତିଷ୍ଠ ଉତ୍ସବ ୨୨ ଜାନୁଆରୀ ୨୦୨୪ ଲେଖାଅଛି । ଚିତ୍ରରେ ରାମଙ୍କ ଠାରୁ ମୋଦୀଙ୍କ ଫଟୋ ବଡ଼ ରହିଛି । ଯାହାକୁ ନେଇ ଆପତି ଉଠାଇଛି କଂଗ୍ରେସ । ଦଳ ପଚାରିଛି, ଫଟୋରେ ମୋଦୀଙ୍କ ମର୍ଯ୍ୟାଦା ପ୍ରଭୁ ରାମଙ୍କ ଠାରୁ କ'ଣ ଅଧିକ? ମୋଦୀ କ'ଣ ରାମଙ୍କ ଠାରୁ ବଡ଼ କି? ଶ୍ରୀରାମଙ୍କୁ ବିଜେପି ଅପମାନିତ କରିଛି ବୋଲି କର୍ଣ୍ଣାଟକ କଂଗ୍ରେସ କହିଛି । ଭକ୍ତଙ୍କ ଭାବାବେଗକୁ ବିଜେପି ଆଘାତ ପହଂଚାଇଥିବା କହିଛି କଂଗ୍ରେସ ।

# ୧୨ଶ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଉତ୍ସବ ଓ ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ -୨୦୨୩



ବାଲେଶ୍ୱର: ସ୍ୱେଚ୍ଛାସେବୀ ସଂଗଠନ ଜ୍ଞାନଶ୍ରୀ ଆନୁକୂଲ୍ୟରେ ଦ୍ୱାଦଶ ଥର ପାଇଁ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ଉତ୍ସବ ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ-୨୦୨୩ ଗାନ୍ଧି ସ୍ମୃତି ଭବନ ପରିସରରେ ଆୟୋଜିତ ହୋଇଯାଇଛି । ଏହି ଉତ୍ସବକୁ ମାନ୍ୟବର ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ରଆନୁଷ୍ଠାନିକ ଭାବେ ଉଦ୍ଘାଟନକରିସାମାଜିକ ଅନୁଷ୍ଠାନ ଜ୍ଞାନଶ୍ରୀ ଦ୍ୱାରା ସମାଜସେବା ସାଙ୍ଗକୁ ଦୀର୍ଘ ବାର ବର୍ଷ ଧରି ରାଜ୍ୟର ପ୍ରତିଭାଧାରୀ ମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବାର ପରମ୍ପରା ବାସ୍ତବରେ ଅତୁଳନୀୟ ବୋଲି ବକ୍ତବ୍ୟ ରଖିଥିଲେ । ଜ୍ଞାନଶ୍ରୀ ପ୍ରତିଭା ସମ୍ମାନଉତ୍ସବ କମିଟିର ସଭାପତି ତଥା ରେବତୀ ପତ୍ରିକାର ସଂପାଦିକା ସମାଜସେବୀ ସୁବାସିନୀଜେନାଙ୍କପୌରହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଉପଦେଷ୍ଟା ପ୍ରଶା' ଦାସ ତାଙ୍କର ସ୍ୱାଗତ ଭାଷଣରେ ଅନୁଷ୍ଠାନ ଦ୍ୱାରା ଆୟୋଜିତ ହେଉଥିବା ସମ୍ବର୍ଦ୍ଧନା ଉତ୍ସବ ଏକ ଭିନ୍ନ ଅନୁଭବ ପ୍ରଦାନ କରିବା ସହିତ ସାରା ରାଜ୍ୟରୁ ପ୍ରତିଭା ଅନ୍ୱେଷଣ କରି ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ପ୍ରଦାନ କରିବା ବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିଥିଲେ । ଜ୍ଞାନଶ୍ରୀ ପ୍ରତିଭା ସମ୍ମାନ କମିଟିର ସମ୍ପାଦକ ପ୍ରଶା' ପଟେଲ ଆୟୋଜିତ ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରିବା ସହିତ ଅତିଥି ମାନଙ୍କୁ ମଂଚ ଆବାହନ କରିଥିଲେ । ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଦୈତାରୀ ନାଏକ, ବରେଣ୍ୟ ଅତିଥିଙ୍କ ମଧ୍ୟରେ ସମାଜସେବୀ ଲକ୍ଷ୍ମୀନାରାୟାଣ ମହାଁ, ଯୁବ ନେତା ତଥା ସମାଜସେବୀ ଦୀପକ କୁମାର ମଲିକ ଯୌଗଦାନ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଦୈତାରୀ ନାଏକ, କେଉଁଝରଙ୍କୁ ଜ୍ଞାନଶ୍ରୀ ମହାସମ୍ମାନ, କୃଷି ବୈଜ୍ଞାନିକ ତଥା ସମାଜସେବୀ ଡଃ ଅଦ୍ୱୈତ୍ୟ ପାତ୍ର , ବାଲେଶ୍ୱର ଏବଂ ସମାଜସେବୀ ବୀରଜା ଦେବୀ, ମୟୁରଭଂଜଙ୍କୁ ଜ୍ଞାନଶ୍ରୀ ମାଟି ଗୌରବ ସମ୍ମାନ, କଣ୍ଠଶିଳ୍ପୀ ଅବିନାଶ ଦାଶ,ସାଲେପୁର ଙ୍କୁ ଜ୍ଞାନଶ୍ରୀ ଯୁବଜ୍ୟୋତିସମ୍ମାନ ଏବଂ ବାଲେଶ୍ୱର ମାଟିର ଶିଶୁ କ୍ରୀଡାବିତ ଶୁଭଲକ୍ଷ୍ମୀ ସିଂଙ୍କୁ ଜ୍ଞାନଶ୍ରୀ ଶିଶୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ଆୟୋଜିତ ଉତ୍ସବରେ କବି ମଧୁସୂଦନ ମିଶ୍ର ମାନପତ୍ର ପାଠକରିଥିଲେ । ଉପଦେଷ୍ଟା ଜଳଧର ପଣ୍ଡା ବେଦ ପାଠ କରିଥିବାବେଳେ ଉପ ସଭାପତି ବିକାଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସହ ସଂପାଦିକା ସୋନାଲିଶିଖା ପାଣିଗ୍ରାହୀ ଏବଂ ଜ୍ୟୋତ୍ସ୍ନା ପରମାଣିକଙ୍କ ସୁନ୍ଦର ସଂଯୋଜନାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ରଶ୍ମିରେଖା ସାହାଣି ,ଅବିନାଶ ଦାଶ,ପ୍ରଭୁପଦ ମହାଁ , ବିକାଶ ଚନ୍ଦ୍ର , ହରି ଓମ ଶରଣମ ,ପୂଜା ,ଅରୂପ କୁମାର ଏବଂ ଦିବ୍ୟା ଦେବାଂଶୀ ମଧୁର ସଂଗୀତରେ ସାଂସ୍କୃତିକ ସନ୍ଧ୍ୟାକୁ ସଂଗୀତମୟ କରିଥିଲେ । ସକାଳ ୧୦ ଘଟିକାରେ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ର ପିଲାଙ୍କ ମଧ୍ୟରେ ଥିବା କଳା ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ଆୟୋଜିତ ଜ୍ଞାନଶ୍ରୀ କଳା ସମ୍ଭାବନା ୨୦୨୩ କୁ ରେମୁଣା ବ୍ଲକର ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ଉଦ୍ଘାଟନ କରିଥିଲେ । ଆୟୋଜିତ ଉଦଘାଟନୀ ଉତ୍ସବରେ କବି ଅଭୟ ଦାସ, ଉପଦେଷ୍ଟା ଶଶିରନ ମଲିକ, ସାହିରୁଲ ହକ , ଭାସ୍କର ଚନ୍ଦ୍ର ପଣ୍ଡା , ଉପ ସଭାପତି ଜ୍ୟୋସ୍ନା ସେନାପତି,ସହ ସଂପାଦକ ଅଶୋକ କୁମାର ପରିଡା ଉପସ୍ଥିତ ରହି ପ୍ରତିଭା ପ୍ରଦର୍ଶନ ନିମନ୍ତେ ଆସିଥିବା ପିଲାମାନଙ୍କୁ ନିଜର ବକ୍ତବ୍ୟ ମାଧ୍ୟମରେ ଉତ୍ସାହିତ କରିଥିଲେ । ଆୟୋଜିତ କଳା ସମ୍ଭାବନା ପ୍ରତିଯୋଗିତାରେ ସମଗ୍ର ଜିଲ୍ଲାରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ । ଏହି ଉତ୍ସବରେ ସହ ସଂପାଦକ ସନତ ପରିଡା ମଂଚ ଆବାହନ ଏବଂ ଅତିଥୀ ପରିଚୟ ପ୍ରଦାନ କରିଥିବାବେଳେ ଅନ୍ୟତମ ସହ ସଂପାଦକ ଗୋପବନ୍ଧୁ ଗିରି ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକାରୀ ସଦସ୍ୟ ଦିଲିପ ରାଉତ, ସଦସ୍ୟା ଜ୍ୟୋତିପ୍ରଜ୍ଞା ଦାସ, ସଦସ୍ୟ ହିମାଂଶୁ ଜେନା, ଶିବ ଶଙ୍କର ମହାପାତ୍ର, ଗୌରବ ପରିଡା, ମାନସ ଜେନା,ସୁନିଲ ଜେନା ଏବଂ ରାକେଶ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ନୀଳମଣି ମହାବିଦ୍ୟାଳୟରେ ପୂଜ୍ୟପୂଜା ଉତ୍ସବ



ବାଲେଶ୍ୱର, ୨୬/୧୨ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ସ୍ଥିତ ନୀଳମଣି ମହାବିଦ୍ୟାଳୟ ପ୍ରାଙ୍ଗଣରେ ପୂଜ୍ୟ ପୂଜା ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟ ଅଧକ୍ଷ ଡ଼. ତପନ କୁମାର ବେହେରା ଙ୍କ ପୌର ହିତ୍ୟରେ ଅନୁଷ୍ଠିତ ଉକ୍ତ ସଭାରେ କଲେଜ ପ୍ରାରମ୍ଭରୁ ଥିବା ସମସ୍ତ ଅଧକ୍ଷ ମାନେ ଉପସ୍ଥିତ ଥିଲେ ପ୍ରାକ୍ତନ ଅଧକ୍ଷ ପ୍ରଫୁଲ କୁମାର ପାଠୀ, ସନ୍ତୋଷ କୁ ଦାସ. ଅଧକ୍ଷ ବଂଶୀଧର ଦାସ, ଅଧକ୍ଷ କୁମୁଦ ଚନ୍ଦ୍ର ସାହୁ. ଅଧକ୍ଷ ବସନ୍ତ ଭୋଇ,ଅଧକ୍ଷ ସୁଧୀର ଦତ୍ତ, ଅଧକ୍ଷଜୟନ୍ତ ପଣ୍ଡା, ପ୍ରଧାପକ ଆଶିଷ ଦାସ, ପ୍ରାଧାପକ ପ୍ରସନ୍ନ ମନ୍ତ୍ରୀ, ବରିଷ୍ଠ କିରାଣୀ ରଘୁନାଥ ସାହୁ, ପଦାର୍ଥ ବିଜ୍ଞାନଗାରା ସହାୟକ ରବୀନ୍ଦ୍ର ଓଝା, ପାଠାଗାର ସହାୟକ ରତ୍ନାକର ଗିରି ପ୍ରମୁଖ ବ୍ୟକ୍ତି ତ୍ୱ ଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା, ପୂଜ୍ୟାପୂଜା ଏକ ପବିତ୍ର ପରମ୍ପରା ଓ ଏହା ଦ୍ୱାରା ସମାଜର ମଙ୍ଗଳହେବବୋଲି ବକ୍ତା ମାନେ ବକ୍ତବ୍ୟ ଦେଇଥିଲେ, କର୍ମଚାରୀ ପରିଷଦ ସମ୍ପାଦକ ଗୌରାଙ୍ଗ ପଣ୍ଡା, ଲାଖିରାମ ହାଁସଦା, ପ୍ରାଧାପିକା ନୀଳିମା ପାତ୍ର, ବାସନ୍ତୀ ସାହୁ, ଚନ୍ଦନ ଦାସ, ତପନ ଦାସ, ହରେନ୍ଦ୍ର ଗାଁଣ, ବିଜୟ ବେହେରା, ପିନାକ୍ଷୀ ପଣ୍ଡା, ରଶ୍ମିତା ନାୟକ, ଆଲୋକ ରଞ୍ଜନ ଦାସ, ଜୟନ୍ତ ମଲ୍ଲିକ, ନିରଞ୍ଜନ ମହାଳିକ, ଯୁକ୍ତ ଦୁଇ ଓ ଯୁକ୍ତ ତିନି ର ସମସ୍ତ ଛାତ୍ର ଛାତ୍ରୀ ଉତ୍ସବରେ ସହଯୋଗ କରିଥିଲେ, ପୁରାତନ ଛାତ୍ର ସଂସଦ ସଭାପତି ଜୟନ୍ତ ପାଣିଗ୍ରାହୀ, ସମ୍ପାଦକ ବାଞ୍ଛାନିଧି ଦେ, କୋଷାଧକ୍ଷ ଗୋପାଳ ସାହୁ ପ୍ରମୁଖ ଏହାକୁ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ, ବୟୋଜ୍ୟେଷ୍ଠ ପ୍ରତିଭା ପ୍ରଥମ ଅଧକ୍ଷ ଦାମୋଦର ପଣ୍ଡା, ମଧୁସୂଦନ ପଣ୍ଡା ପ୍ରଭୃତି ସମର୍ପିତ ପ୍ରତିଭାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ଖଇରା ବ୍ଲକର ୬ ଧାନମଣ୍ଡି ଉଦ୍‌ଘାଟିତ



ଖଇରା, ୨୬/୧୨ (ନି.ପ୍ର): ସୋମବାର ଦିନ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନରେ ୬ଧାନମଣ୍ଡି ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ବିବିସିସି ବ୍ୟାଙ୍କ ସଭାପତି ଗଣେଷ ପ୍ରସାଦ ମହାପାତ୍ରଙ୍କ ଦ୍ୱାରା ଉଦଘାଟିତ ହୋଇ ଯାଇଛି । ପ୍ରଥମେ ଅତିଥିମାନେ କୁରୁଣ୍ଡା ସେବା ସମବାୟ ସମିତି ଗସ୍ତକରି ଧାନମଣ୍ଡିର ଶୁଭ ଉଦଘାଟନ କରିଥିବା ବେଳେ ଜିଲାପରିଷଦ ସଭ୍ୟ ମାନଶ କୁମାର ଦାସ,ସଭାପତି ମୁକୁନ୍ଦ ନାୟକ ଓ ସମ୍ପାଦକ ଗଜେନ୍ଦ୍ର ଜେନା ଉପସ୍ଥିତ ଥିଲେ । ସେହିଭଳି ଖଇରା ସମବାୟ ସମିତି ସଭାପତି ସୌମ୍ୟ ରଞ୍ଜନ ନାୟକ ଓ ସମ୍ପାଦକ ଶ୍ରୀକାନ୍ତ ପଲେଇ,ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ଙ୍କ ଉପସ୍ଥିତିରେ ମଣ୍ଡି ଖୋଲାଯାଇଥିଲା । ପରେ ପଳସା ସମବାୟ ସମିତି ସଭାପତି ହେମନ୍ତ ପୃଷ୍ଟି,ସମ୍ପାଦକ ରାଜେଶ ପାତ୍ର ଙ୍କ ସମେତ ଶତାଧିକ ଚାଷୀଙ୍କ ଉପସ୍ଥିତିରେ ପଳସା ଏବଂ ସଭାପତି ସମ୍ପଦ ଘଡେଇ, ସମ୍ପାଦକ ପ୍ରଶାନ୍ତ କୁମାର ନାୟକଙ୍କ ଉପସ୍ଥିତିରେ ଗୋଳିହା ମଣ୍ଡିର ଶୁଭ ଉଦଘାଟନ କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଥିଲା । ଏହାଛଡା ଡୁଙ୍ଗୁରାରେ ସଭାପତି ଶତ୍ରୁଘ୍ନ ମହାନ୍ତି,ସରପଞ୍ଚ ପ୍ରକାଶ କୁମାର ଲେଙ୍କା ଙ୍କ ଉପସ୍ଥିତିରେ ମଣ୍ଡିର ପୁଜାର୍ଚ୍ଚନା କରାଯାଇଥିଲା । ଶେଷରେ ଅନ୍ତରା ସେବା ସମବାୟ ସମିତିରେ ସଭାପତି ଅଜୟ ସାମଲ,ସମ୍ପାଦକ ବିକାଶ କୁମାର ନାୟକ,ସରପଞ୍ଚ ରଶ୍ମିତା ଜେନା,ସମିତିସଭ୍ୟା ସବିତାରାଣୀ ପଣ୍ଡା,ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଚାଷୀ ମାନେ ଯେଭଳି ସୁରୁଖୁରୁରେ ଧାନ ବିକି ପାରିବେ ସେଥିଲାଗି ବିଧାୟକ ଓ ବ୍ୟାଙ୍କ ସଭାପତି ବକ୍ତବ୍ୟରେ ଗୁରୁତ୍ୱ ଆରୋପ କରିଥିଲେ ।



ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ, କଟକଠାରେ ଶ୍ରୀ ସର୍ବେଶ୍ୱର ମହାନ୍ତଙ୍କୁ ପ୍ରଜ୍ଞା ପ୍ରାଣ ସମ୍ମାନରେ ସମ୍ମାନିତ କରାଗଲା ।

# ଅଟଳଜୀଙ୍କ ଜନ୍ମ ଜୟନ୍ତୀ ପାଳନ କଲା ଫିଉଚର ବାଲେଶ୍ୱର




ବାଲେଶ୍ୱର, ୨୪/୧୨ (ନି.ପ୍ର): ଆଜି ବାଲେଶ୍ୱରର ଅଗ୍ରଣୀ ସାମାଜିକ ସଙ୍ଗଠନ ଫିଉଚର ବାଲେଶ୍ୱର ସଭାପତି ଆଇନଜୀବୀ ବିଜୟ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଫିଉଚର ବାଲେଶ୍ୱରର ପ୍ରତିଷ୍ଠା ଦିବସ ଓ ଅଟଳଜୀଙ୍କ ଜନ୍ମ ଜୟନ୍ତୀକୁ ସୁଶାସନ ଦିବସ ଭାବେ ବାଲେଶ୍ୱରର ସ୍ଥାନୀୟ ଷ୍ଟେସନ୍ କ୍ଲବରେ ପାଳିତ ହୋଇଯାଇଛି । ଏହି ଅବସରରେ ଅତିଥି ମାନେ ବାଜପେୟୀଙ୍କର ଗୁଣଗାନ କରିଥଲେ ।ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କର ଥିଲେ ରାଜନୀତି କ୍ଷେତ୍ରରେ ତ ଅଜାତଶତ୍ରୁ । ତାଙ୍କ ଜନ୍ମଦିନ ଅବସରରେ ଆଜି ସାରା ଭାରତ ବର୍ଷରେ ସୁଶାସନ ଦିବସ ପାଳନ କରାଯାଉଛି । ହିନ୍ଦୁସ୍ଥାନର ଜଣେ ସଫଳ ପ୍ରଧାନମନ୍ତ୍ରୀ ହେବାସହ ସେ ଥିଲେ ଓଜସ୍ୱୀନି ବକ୍ତା ଓ ଜଣେ ପ୍ରସିଦ୍ଧ ହିନ୍ଦୀ କବି । ଆଜି ପାଖରେ ଅଟଳ ବିହାରୀ ନାହାଁନ୍ତି ସତ କିନ୍ତୁ ଦେଶ ପାଇଁ ଥିବା ତାଙ୍କ ପ୍ରେରଣା, ପରାମର୍ଶ, ମାର୍ଗଦର୍ଶନ ଆର୍ଶିବାଦ କାଳକାଳ ପାଇଁ ଦେଶର ସମ୍ପଦ ହୋଇ ରହିଛି ଏବଂ ରହିବ ବୋଲି ବକ୍ତା ମାନେ ମତବ୍ୟକ୍ତ କରିଥଲେ । ସ୍ୱାଧୀନ ଭାରତର ଦଶମ ପ୍ରଧାନମନ୍ତ୍ରୀ ଭାବେ ଅଟଳ ଜୀ' ତିନିଥର କାର୍ଯ୍ୟଭାର ସମ୍ଭାଳି ଥିଲେ । ସେ ଲୋକସଭାକୁ ନଅ ଥର ନିର୍ବାଚିତ ହୋଇଥିବାବେଳେ, ରାଜ୍ୟସଭାକୁ ଦୁଇ ଥର ନିର୍ବାଚିତ ହୋଇଥିଲେ, ଯାହାକି ଏକ ରେକର୍ଡ । ଶ୍ରୀ ବାଜପେୟୀ ପ୍ରଥମେ ଜଣେ ସାମ୍ବାଦିକ ଭାବେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ ସୁଦ୍ଧା ୧୯୫୧ ମସିହାରେ ଭାରତୀୟ ଜନସଂଘରେ ଯୋଗଦେବା ପରେ ତାଙ୍କ ସାମ୍ବାଦିକ ଜୀବନରେ ପୂର୍ଣ୍ଣଚ୍ଛେଦ ପଡିଥିଲା । ଭାରତ ପ୍ରତି ତାଙ୍କର ନିଃସ୍ୱାର୍ଥପର ନିଷ୍ଠା ଓ ଶ୍ରଦ୍ଧା ଏବଂ ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ଧରି ସମାଜ ଓ ରାଷ୍ଟ୍ରପ୍ରତି ତାଙ୍କର ସେବାକୁ ସ୍ୱୀକୃତି ପ୍ରଦାନ ପୂର୍ବକ ଶ୍ରୀ ବାଜପେୟୀଙ୍କୁ ଭାରତର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମବିଭୂଷଣରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୌରୀ ପ୍ରସାଦ ରଥ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ମମତା ମହାପତ୍ର, କାଳୀପଦ ପଣ୍ଡା, ରାଧାରଞ୍ଜନ ପଟ୍ଟନାୟକ, ସୃଷ୍ଟିଧର ପରିଡ଼ା, ଗୋପାଳକୃଷ୍ଣ ନାୟକ, ଯାଦବେଶ ମିଶ୍ର, ଯୋଶଧାରା ଦାସ, ସତ୍ୟଜିତ ମିଶ୍ର ପ୍ରମୁଖ ବ୍ୟକ୍ତବ୍ୟ ପ୍ରଦାନ କରିଥିବା ବେଳେ ଫିଉଚର ବାଲେଶ୍ୱରର ସମ୍ପାଦକ ରଞ୍ଜନ ପାଣିଗ୍ରାହୀ ସଂପାଦକୀୟ ବିବରଣୀ ପାଠ କରିଥିଲେ ଏବଂ ପରିଶେଷରେ ଦୁକୁଲ ଘଡ଼ାଇ ନିମନ୍ତ୍ରିତ ଅତିଥି ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବିବେକାନନ୍ଦ ସେବା ସଂସ୍ଥାନ ପକ୍ଷରୁ ତୁଳସୀ ଦିବସ

ଖଇରା, ୨୬/୧୨ (ନି.ପ୍ର): ସ୍ୱାମୀ ବିବେକାନନ୍ଦ ସେବା ସଂସ୍ଥାନ ଆନୁକୂଲ୍ୟରେ ସଙ୍ଗଠନର ଖଇରା ଆଞ୍ଚଳିକ କାର୍ଯ୍ୟାଳୟରେ ତୁଳସୀ ପୂଜନ ଦିବସ ସଂସ୍ଥାର ମୁଖ୍ୟ ସତ୍ୟବ୍ରତ ନାରାୟଣ ବେହେରାଙ୍କ ସଂଯୋଜନାରେ ପାଳିତ ହୋଇ ଯାଇଛି । ପୂର୍ବାହ୍ନରେ ତୁଳସୀ ଚଉରାରେ ଜଳପ୍ରଦାନ ସହ ପାରମ୍ପରିକ ରିତିରେ ପୁଜାର୍ଚ୍ଚନା କରାଯାଇଥିଲା । ପରେ ବାବା ପ୍ରହଲ୍ଲାଦ ଦାସ ସନାତନ ଧର୍ମରେ ତଥା ହିନ୍ଦୁ ସଂସ୍କୃତିରେ ତୁଳସୀ ପୁଜାର ବିଧି ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସୁକାନ୍ତି ନାୟକ,ଆରତି ବେହେରା,କୁମମଣି ଦେଇ,ତୁଳସୀ ଶତପଥି ପ୍ରମୁଖ ଙ୍କ ଦ୍ୱାରା ତୁଳସୀ ପୁଜନ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା । ବୈକୁଣ୍ଠ ପ୍ରସାଦ ବେହେରା,ନୃସିଂହ ସେନାପତି,ମନୋରଞ୍ଜନ ବେହେରା,ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ମଧୁସୂଦନ ଦାସ ଓ ସତ୍ୟପ୍ରିୟ ମହାନ୍ତିଙ୍କ ସ୍ମୃତି ଚାରଣ ସଭା

ବାସୁଦେବପୁର, ୨୬/୧୨ (ନି.ପ୍ର): ମିରାକିଲ ପବ୍ଲିକ ସ୍କୁଲ ପରିସରରେ ବାସୁଦେବପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଶିକ୍ଷାବିତ ମଧୁସୂଦନ ଦାସ ଏବଂ ଲୋକପ୍ରିୟ ସାମ୍ବାଦିକ ଓ କବି ସତ୍ୟପ୍ରିୟ ମହାନ୍ତି ଙ୍କ ବିୟୋଗ ରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଶିକ୍ଷାବିତ ଦୁଃଶାସନ ରାଉତ ସଭାପତିତ୍ୱ କରି ଥିଲେ । ଶହୀଦ ତୀର୍ଥଯାତ୍ରୀ ସଂଘ ର ପ୍ରତିଷ୍ଠାତା ତ୍ରୈଲୋଚନ ଜେନା,କୋଣାର୍କ ବରଫ କାରଖାନା ର ମାଲିକ ମହେଶ୍ୱର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ବେହେରା ଅତିଥି ଭାବେ ଯୋଗ ଦେଇ ଏହି ସଭାରେ ସ୍ମୃତି ଚାରଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କବି ସୁଧାଂଶୁ ଶେଖର ମିଶ୍ର, କବି ଭାଗିରଥି ପଲେଇ, କବି ରତ୍ନାକର ବାରିକ, କବି ପ୍ରହଲ୍ଲାଦ ବାରିକ, କବି ରତ୍ନାକର ପଣ୍ଡା, ଐତିହାସିକ ଅଜୟ ପଣ୍ଡା, କବି ବନମାଳୀ କୁଅଁର,ଡ଼କ୍ଟର ପ୍ରତାପ ନାୟକ, କବି ବସନ୍ତ ଦାସ, ଆଡ଼ଭୋକେଟ ସ୍ମୃତି ରଞ୍ଜନ ପଳିତା, କବି ବିକାଶ ଶତପଥୀ, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, ସାମ୍ବାଦିକ ଉଦୟ ଜେନା ପ୍ରମୁଖ ସ୍ମୃତି ଚାରଣ କରିଥିଲେ । ଦୁଇ ଜଣ ସ୍ୱର୍ଗତ ଆତ୍ମା ଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।




# ବସ୍ତାରେ ବାଜପେୟୀଙ୍କ ଜନ୍ମଦିନ ଅବସରରେ 'ସୁଶାସନ ଦିବସ' ପାଳିତ




ବସ୍ତା , ୨୪/୧୨ (ନି.ପ୍ର): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୦ ତମ ଜନ୍ମ ଜୟନ୍ତୀ ମହା ସମାରୋହରେ 'ସୁଶାସନ ଦିବସ' ରୂପେ ପାଳିତ ହୋଇଯାଇଛି । ବସ୍ତା ଅଟଳ ବିହାରୀ ବାଜପେୟୀ ସ୍ମୃତି କମିଟି ତରଫରୁ ଏହି ସଭା ପୂର୍ବତନ ସମିତି ସଦସ୍ୟ ରାଧେଶ୍ୟାମ ମହାପାତ୍ର ଙ୍କ ସଭାପତିତ୍ୱ ରେ ମୁଖ୍ୟ ବକ୍ତା ଭାବେ ବିଜେପିର ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା ନିଜ ବକ୍ତବ୍ୟ ରେ ବାଜପେୟୀଙ୍କ ସହ ନିଜର ବ୍ୟକ୍ତିଗତ ଆଲୋଚନା ଅନୁଭୂତି ବର୍ଣ୍ଣନା କରିବାସହ ତାଙ୍କର ଦେଶପ୍ରତି ଅବଦାନ ସମ୍ପର୍କ ରେ ସୂଚନା ଦେଇଥିଲେ । ସଭାପୂର୍ବରୁ ତାଙ୍କ ରଚିତା କବିତା ପାଠ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରଂଜନ ମହାନ୍ତି,ବସନ୍ତ ବାରିକ, ଦେବାଶିଷ ମହାପାତ୍ର, ପ୍ରକାଶ କୁଣ୍ଡୁ , ଖଗେନ୍ଦ୍ର ନାୟକ, ରାମଚନ୍ଦ୍ର ଦେବ, ପ୍ରସନ୍ନ ପଣ୍ଡା, ଫର୍ଣାଲ ବିଶ୍ୱାଳ, ରାସବିହାରୀ ଦାସ ଅଧିକାରୀ, ଶିବାନନ୍ଦ ଦାସ, ବିନୟ ଜେନା, ଦିଲ୍ଲୀପ ପଣ୍ଡା, ସୂର୍ଯ୍ୟନାରାୟଣ ସାହୁ, ପରମାନନ୍ଦ ମହାପାତ୍ର, ବେଣୁଧର ରାଉତ ଅଦୈତ ଜେନା, ଉମାକାନ୍ତ ବେଜ ପ୍ରମୁଖ ଉଦବୋଧନ ଦେଇଥିଲେ । ଅଭିରାମ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖୋର୍ଦ୍ଧା ମହୋତ୍ସବ ଉଦ୍‌ଯାପିତ

ଖୋର୍ଦ୍ଧା , ୨୪/୧୨ (ନି.ପ୍ର): ଖୋର୍ଦ୍ଧା ମଉଛବ ଉତାଜାପିତ । ଓଡ଼ିଶା ମାନ୍ୟବର ରାଜ୍ୟପାଳ ରଘୁବିର ଦାସ ଯୋଗ ଦେଇ ଥିଲେ ।ଏହି ମଞ୍ଚ ଦୃବଳ ଥିବାରୁ ୨୩,୧୨, ୦୨୩ରିଖ ରାତି ରେ ୧୦ ଟାରେ ପୁର୍ବ ମଞ୍ଚ ଭଙ୍ଗା ଯାଇ ନୂତନ ସଭା ମଞ୍ଚ କରାଯାଇ ଥିଲା । ଏହି ନୂତନ ମଞ୍ଚ କରିବା ପାଇଁ ଖୋରଧା ଚାଣ୍ୟକ୍ୟ ବୋଲାଉ ଥିବା । ପୂର୍ବତନ ବିଧାୟକ କଂଗେସ ସ୍ୱର୍ଗତ ଜାନକୀ ପଟ୍ଟନାୟକ ଦୟାରୁ ଏକ ବର୍ଷ ପାଇଁ ଉପ ନିର୍ବାଚନ କଂଗେସ ଦଳର ବିଧାୟକ ଥିଲେ ଶ୍ରୀଯୁକ୍ତ ଦିଲୀପ ଶ୍ରୀଚନ୍ଦନ । ଏହା ପୁର୍ବରୁ କାଇପଦର କଲେଜ ଅଧାପକ ଥିଲେ । ଦରମା ପାଇଲା ବେଳକୁ ଚାକିରୀ ଛାଡି ରାଜନୀତି କୁ ଆସିଥିଲେ । ମାତ୍ର ଏହି ବର୍ଷ ପରେ ଆଉ ନିର୍ବାଚିତ ହୋଇ ନାହାଁନ୍ତି । ତଥାପି ତାଙ୍କର ବୃକ୍ଷ ମିତ୍ର କାର୍ଯ୍ୟ ପାଇଁ ନାମ ଅଛି ଓ ସବୁ ବିଧାୟକ ଓ ମନ୍ତ୍ରୀଙ୍କ ସଂଗେ ସଂପର୍କ ଅଛି । ତାଙ୍କ ଯୋଗୁ ଖୋର୍ଦ୍ଧା ମଉଛବ କମିଟି ବାହାରି ଯାଇଥିବା କୋଟି- ପତି କଂଗେସ ଯୁବ ନେତା ଶ୍ରୀଯୁକ୍ତ ସଞ୍ଜୟ ପଟ୍ଟନାୟକ ଆସନ୍ତା ୨୦୨୪ ନିର୍ବାଚନ ପାର୍ଥି ହେବା ଥିବାଙ୍କୁ ଡାକି ମିଶାଇ ,ପୁଣୀ ସେହି ଦିନ ସମ୍ପାଦକ ଫେରିଲେ ଫେରିଲେ । ତାଂକ ଟଙ୍କାରେ ନୂତନ ମଞ୍ଚ କରାଯାଇ ଥିଲା । ଗୁରୁ ଶିଷ୍ୟଙ୍କ ମିଶି ଓଡ଼ିଶା ରାଜ୍ୟ ପାଳ, ବିଜେପି ଭୁବନେସ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ, ଯୁବ ଧନି ଦ୍ୱେ୍ରୀ ସଞ୍ଜୟ କଂଗେସ ନେତା, ଡ, ଦିଲୀପ ଶ୍ରୀଚନ୍ଦନ, କଂଗେସ ନେତା କୌଟଲ୍ୟଙ୍କ ମିଳିତ ଭାବେ କଂଗେସ ଓ ବିଜେପି ମେଣ୍ଟ ମଞ୍ଚରେ ଦେଖିବାକୁ ମିଳିଥିଲା ।ସ୍ଥାନୀୟ ୩ ବିଜେଡି ବିଧାୟକ ଓ କୌଣସି ମନ୍ତ୍ରୀଙ୍କୁ ମଞ୍ଚରେ ଦେଖିବାକୁ ମିଳିନ ଥିଲା ନ । ଆମ ଖୋର୍ଦ୍ଧା ବିଧାୟକ ଶ୍ରୀଯୁକ୍ତ ମିତ୍ରଙ୍କ ଅନିଛା ସ୍ୱତେ ତାଂକୁ ଖୁସାମତ କରି ଦୃବଳ ମଞ୍ଚକୁ ଡକାଯାଇ ଥିଲା । ଯଦି ଜାଣିଥିଲେ ମଞ୍ଚ ଦୃବଳ ତାଙ୍କୁ ଡକା ଯାଇଥିଲା କାହିଁକି ସନ୍ଦେହ । ଜିତୁ ମିତ୍ର ଖୋର୍ଦ୍ଧା ଗୌରବ ସରଳ ସେ ଆସିଲେ ମାତ୍ର ତାଙ୍କୁ ଏହା ଭବିଷ୍ୟତ ପାଇଁ ବୁମାରଙ୍ଗ ହୋଇପାରେ ଶୁଣିବାକୁ ମିଳେ ଓ ବିଜେଡ଼ି ମହଲ ଆଲୋଚନା ହେଉଛି । ଏହି ଖଣି ଓ ପୁଷ୍କରଣୀକୁ ପୋତିବା ଖୋର୍ଦ୍ଧା ରଜ୍ୟସ୍ୱ ବିଭାଗ ଭିତିରି ସହଯୋଗ ଅଛି ଶୁଣିବାକୁ ମିଳେ । କେଉଁଠୁ କିଏ ୫୯ ଟ୍ରିପ ହାଓ୍ୱା ଟ୍ରକରେ ମୋରମ ରାତିରେ ଆସିଲା ଓ ପାଣି ଥିବା ପୋଖରୀ ପୋତା ହେଲା ରତିକ ଭିତରେ ।ଏହାର ତଦନ୍ତ ସାହାପକ୍ଷ । ଉକ୍ତ ରାଜସ୍ୱ ଅଧିକାରୀ କଣ କରୁଥଲେ । ଜିଲ୍ଲା ପାଳ ସଚ୍ଚୋଟ ତାଙ୍କ ନଜର କୁ ଆଣିଥିଲେ କି? ଏହି ଚୋରା ମୋରମ ଓ ପାଣି ଉସ୍ , ଗୋରୁ ଗାଈ, ମଣିଷ, ପଶୁ ପକ୍ଷୀ ମୁହଁରୁ କିଏ ଛଡ଼ାଇ ନେଲା, ତାହା ଜିଲ୍ଲାପାଳ ଖୋର୍ଦ୍ଧା ତଦନ୍ତକୁ ନେବାକୁ ଖୋର୍ଦ୍ଧା ବାସୀ ଦାବିକରୁଛନ୍ତି ।, ଓଡ଼ିଶା ୫ଟି ଅଧ୍ୟକ୍ଷ ଜାଣିବା ଦରକାର ?ଖୋର୍ଦ୍ଧା ସହର ବିକେଡି କର୍ମୀଙ୍କ ଦାବି ଉଠାଇ ଅଛନ୍ତି ଶୁଣିବାକୁ ମିଳେ । ଉକ୍ତ ଅପରାଗ ଅଫିସରଙ୍କୁ ଯେତେ ଦିନ ଥିଲେ ମଧ୍ୟ ବଦଳି କରାଯିବା ଉଚିତ । ଆଗକୁ ନିର୍ବାଚନ ଅଛି ।

## ଛୋଟ ବେଳୁ ପିଲାଙ୍କୁ ଦିଆଯାଏ ଯୌନଶିକ୍ଷା



ଆମ ସମାଜରେ ନିୟମାନୁଯୀ ଏକ ନିର୍ଦ୍ଦିଷ୍ଟ ବିବାହଯୋଗ୍ୟ ବୟସରେ ପୁଅ ଓ ଝିଅଙ୍କୁ ବିବାହ କରାଯାଏ। ଏହା ପୂର୍ବରୁ ଶାରୀରିକ ସଂପର୍କକୁ ମଧ୍ୟ ବାରଣ କରିଛି ଆମ ସମାଜ। ଏହା ବ୍ୟତିରେକେ ସଂପର୍କରେ ସମାଜ ନାଲି ଆଖି ଦେଖାଏ। କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ଏକ ଜନଜାତିର ଲୋକ ଅଛନ୍ତି, ଯେଉଁଠି ପିଲାବେଳୁ ପିଲାଙ୍କୁ ଶାରୀରିକ ସମ୍ବନ୍ଧରେ ଶିକ୍ଷା ଦିଆଯାଏ ଏବଂ ଅତି କମ ବୟସରେ ସେମାନଙ୍କ ପିଲାକୁ ବାହା କରାଇ ଦିଅନ୍ତି। ଯେଉଁ ବୟସରେ ପିଲାଟିଏ ଖେଳକୁଦରେ ମାତିଥାଏ, ସେ ବୟସରେ ଏଠି ପିଲା ଶିଖେ ଶାରୀରିକ ସମ୍ବନ୍ଧର କଳା। କେମିତି ବିବାହ କରି ଘର ସଂସାର କରିବ ଏହା ଶିକ୍ଷା ଦିଆଯାଏ ଏହି ଜନଜାତିରେ। ଏମିତି ଏକ ପାପୁଆ ନାମରେ ଜନଜାତି ରୁହନ୍ତି ନିଓ ଗିନିରେ। ୬-୭ ବର୍ଷ ବୟସରେ ଏମାନେ ନିଜ ପିଲାଙ୍କୁ ପଢ଼ାନ୍ତି କାମକଳାର ପାଠ। ୧୧-୧୨ ବର୍ଷ ବୟସରେ ଏହି ଜନଜାତିର ପିଲା ବିବାହ କରନ୍ତି। ଶିଶୁ ବିବାହ ଏହି ଜାତିର ପପରମ୍ପରା ପାଲଟିଯାଇଛି। ବିବାହ ପୂର୍ବରୁ ଝିଅ ନିଜ ପସନ୍ଦର ପୁଅ ଘରକୁ ଯାଇ ରାତି ବିତାଏ। ସକାଳୁ ଝିଅର ମା’ ନିଜେ ହାତ ତିଆରି ଖାଦ୍ୟ ଧରି ପୁଅ-ଝିଅ ପାଇଁ ପୁଅର ଘରକୁ ଆସିଥାଏ। ତାର’ପରେ ନିଜ ଝିଅକୁ ନେଇଯାଏ। ବିବାହପରେ ଏକ ବର୍ଷ ଏକାଠି ରୁହନ୍ତି ପୁଅ ଝିଅ। ଏହାପରେ ଚାହିଁଲେ ଅଲଗା ହୋଇପାରିବେ। ନିଜ ଗିନିରେ ରହୁଥିବା ଏହି ଜାତିରେ ଲୋକସଂଖ୍ୟା ପାଖାପାଖି ୧୨ ହଜାର। ଏମାନେ ଚାଷକାର୍ଯ୍ୟ, ପଶୁପାଳନ ଓ ପଶୁ ଶିକାର କରି ଜୀବନ ନିର୍ବାହ କରିଥାନ୍ତି। ଏମାନଙ୍କର ଭାଷା ବାହାର ଦୁନିଆ ଠାରୁ ପୂରା ଅଲଗା।



## ଏଠି ବି ହୁଏ ପଥର ପୂଜା



ମ୍ୟାମରରେ ପାଖାପାଖି ୨୫ ଫୁଟ ଉଚ୍ଚତାର ଏଭଳି ଏକ ବୃହଦାକାର ପଥର ରହିଛି ଯାହା ଆଉ ଏକ ପଥର ଉପରେ ବଙ୍କା ହୋଇ ରହିଛି। ଏହାର ଅବସ୍ଥିତିକୁ ଦେଖିଲେ ଯେକେହି ବି ଭୟ କରିବ। ସ୍ଥାନୀୟ ଲୋକମାନେ ଏହାକୁ ପବିତ୍ର ଭାବନ୍ତି ଏବଂ ଏହାର ପୂଜା କରିବାକୁ ପ୍ରବଳ ଭିଡ଼ ଜମେ। ଏହାକୁ କୁହନ୍ତି ଗୋଲ୍ଡେନ୍ ରକ୍ କିମ୍ବା କ୍ୟୋକିଟିଓ ପାଗୋଡ଼ା। ଏହା ହେଉଛି ବୁଦ୍ଧିଷ୍ଟଙ୍କ ପାଇଁ ଏକ ପ୍ରମୁଖ ତୀର୍ଥ ସ୍ଥାନ। ଯେଉଁ ଛୋଟ ପଥର ଉପରେ ଏହି ପଥରଟି ଲଟକି ରହିଛି ତାକୁ ଦେଖିଲେ ଲାଗେ ଯେମିତି କେବେ ବି ଏହା ପଡ଼ିଯାଇପାରେ। କିନ୍ତୁ ପଥରଟି ନଖସି ସେମିତି ବର୍ଷ ବର୍ଷ ଧରି ରହିଆସିଛି। ନଭେମ୍ବରରୁ ମାର୍ଚ୍ଚ ମଧ୍ୟରେ ଏଠାକୁ ହଜାର ହଜାର ସଂଖ୍ୟକ ଲୋକ ପୂଜା ପାଇଁ ଆସନ୍ତି। ସ୍ଥାନୀୟ ଲୋକମାନଙ୍କର ବିଶ୍ୱାସ ଏହି ସ୍ଥାନକୁ ବର୍ଷକୁ ୨/୩ଥର ଆସିଲେ ଧନଧାନ୍ୟ ପରିପୂର୍ଣ୍ଣ ହୋଇଯାଏ।

## ଛଅ ଦୁର୍ଗୁଣ

– ଦର୍ପ ସମ୍ପତି, ସୌନ୍ଦର୍ଯ୍ୟ, ସ୍ୱାସ୍ଥ୍ୟ ଓ ଶକ୍ତି ମଣିଷକୁ ଗର୍ବୀ-ଅହଂକାରୀ କରେ। ଏଗୁଡ଼ିକ କ୍ଷଣସ୍ଥାୟୀ ଓ ବିନାଶକାରୀ। ନିଜକୁ ଅହଙ୍କାରମୁକ୍ତ ରଖ।

– ଦମ୍ଭ, ଉଚ୍ଚ ସ୍ୱରରେ କହି, ନିଜକୁ ଅଧିକ ସାବ୍ୟସ୍ତ କରି ଏବଂ କପଟତାପୂର୍ଣ୍ଣ ଆଚରଣ ଦ୍ୱାରା କେତେକ ବ୍ୟକ୍ତି ଅନ୍ୟକୁ ପ୍ରଭାବିତ କରନ୍ତି। ନିଜକୁ ଧାର୍ମିକ ଓ ଠିକ୍ କହି ଛଳନା କରନ୍ତି। ଏଭଳି ଦାମ୍ଭିକତାପୂର୍ଣ୍ଣ ଆଚରଣ ପରିତ୍ୟାଗ କର, ନଚେତ୍ ନିଜର ସର୍ବନାଶ ଘଟିବ।

– ଅଭିମାନ: ଆତ୍ମକୈନ୍ଦ୍ରିକ ଭାବନାରୁ ଅଭିମାନ ଆସେ। ଜଣେ ନିଜକୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ମନେ କରିବା ଦ୍ୱାରା ଅଭିମାନୀ ହୁଏ। ଏଭଳି ଭାବନା ନିଜର କ୍ଷତି ଘଟାଏ। ଅଭିମାନରୁ ନିଜକୁ ଦୂରେଇ ରଖ।

– କ୍ରୋଧ: ଲୋଭ ଓ କାମନାରୁ କ୍ରୋଧ ଜାତ। କ୍ରୋଧ ମନୁଷ୍ୟର ହିତାହିତଜ୍ଞାନ ହରଣ କରିନିଏ। ଏହା ପ୍ରାଣ ବିନାଶକାରୀ। ମନରେ କ୍ରୋଧ ଆଣିବା ତଥା ପ୍ରକାଶ କରିବା ଉଭୟ କ୍ଷତିକାରକ। କ୍ରୋଧରେ କାରଣ କଣ ଓ ସତର୍କ ରହ।

– କଠୋରତା: କଠୋରତା ଆଚରଣ ହାନିକାରକ। ଏହାଦ୍ୱାରା ହିଂସା ବଢ଼େ। ଏଣୁ ଦୟାଶୀଳ ହୁଅ। ମଧୁର ବଚନ କୁହ। ଉତ୍ତମ ଆଚରଣ କର। ଦୁନିଆରେ କେହି ତୁମର ଶତ୍ରୁ ହେବେନାହିଁ।

– ଅଜ୍ଞାନତା: ଅଜ୍ଞାନତା ସବୁ ଦୁର୍ଗୁଣର ମୂଳ; ଜ୍ଞାନ ହିଁ ଆଲୋକ। ସତ୍ୟ ଓ ବାସ୍ତବତା ସମ୍ପର୍କରେ ଥରେ ଜ୍ଞାନ ଉଦୟ ହେଲେ ଅଜ୍ଞାନତା ଲୋପ ପାଇବ। ସତ୍ୟକୁ ଅନୁଭବ କଲେ ଜୀବନ ମଧୁମୟ ହେବ।

## ହୃଦରୋଗରୁ ରକ୍ଷା କରେ ଡାର୍କ ଚକେଲେଟ୍



ଦୈନିକ ଖଣ୍ଡେ ଡାର୍କ ଚକୋଟେ ଖାଇଲେ ହୃଦରୋଗରୁ ରକ୍ଷା ମିଳିଥାଏ। ଯଦି ୨୦୦ରୁ ୬୦୦ ମିଲିଗ୍ରାମର ଚକେଲେଟ ଦୈକ ଜଣେ ଖାଏ ତେବେ ଏହା ଶରୀରରେ ଉତ୍ତମ ଗୁଣବତ୍ତର କୋଲେଷ୍ଟ୍ରୋଲ ବୃଦ୍ଧି କରିଥାଏ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଦୈନିକ ଗୋଟେ ପିସ ଡାର୍କ ଚକେଲେଟ ଖାଇଲେ ହୃଦରୋଗରୁ ମୁକ୍ତି ମିଳିବା ସହ ଡାଇବେଟିସ ପୀଡ଼ିତାଙ୍କ ସୁଗାର ତଥା ଇନ୍‌ସୁଲିନ୍ ସ୍ତରରେ ନିୟନ୍ତ୍ରଣ ଆସିଥାଏ। ସାଧାଣ ଚକୋଲେଟ ବା ମିଲ୍କ ଚକୋଟେ ତୁଳନାରେ କୋକୋଆ ଶରୀରକୁ ଲାଭ ପହଂଚଇଥାଏ। ଗବେଷକ ମାନେ ୧୧୩୯ ସ୍ୱେଚ୍ଛାସେବୀଙ୍କୁ ନେଇ କାଡ଼ିଓମେଟା ବୋଲିସିକ୍ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆମେରିକାର ବ୍ରାଉନ ୟୁନିଭର୍ସିଟି ପ୍ରଫେସର ସିମିନ ଲିଉ ଓ ତାଙ୍କ ଛାତ୍ର ଜିଆଓଚେନ ଲିନ କହିଛନ୍ତି କୋକୋଅ ଫ୍ଲାଭାନଇ ସେବନ ଦ୍ୱାରା ଶରୀରର ଶିରାପ୍ରଶିରାରେ ରକ୍ତ ଜମାଟ ବାନ୍ଧି ହୋଇ ନଥାଏ, ଇନ୍‌ସୁଲିନକୁ ପ୍ରତିରୋଧ କରିବା ସହ ଘା’ ଆଦିରୁ ରକ୍ଷା କରିଥାଏ।

## ନିଦ ପାଇଁ ସରଳ ଉପାୟ



ନିକଟରେ ଫ୍ଲୋରିଡାର ଏକ ସଂସ୍ଥା ବିଶ୍ୱର ବିଭିନ୍ନ ରାଷ୍ଟ୍ରର ଲୋକଙ୍କୁ ଅନ୍ତର୍ଭୁକ୍ତ କରି ନିଦ୍ରାହୀନ ରୋଗୀଙ୍କ ସର୍ବେକ୍ଷଣ କରିଥିଲା। ସେମାନଙ୍କ ତଥ୍ୟରୁ ଜଣାପଡ଼ିଥିଲା, ପ୍ରତି ୧୫ଜଣରେ ୬ଜଣ ବ୍ୟକ୍ତି ନିଦ୍ରାହୀନତା ରୋଗର ଶିକାର ହେଉଛନ୍ତି। ଏମାନଙ୍କ ସଂଖ୍ୟା ସବଠୁ ଅଧିକ ନ୍ୟୁୟର୍କରେ। ତେବେ ମନୁଷ୍ୟ ଏବେ ଯନ୍ତ୍ରଚାଳିତ ମାନବରେ ପରିଣତ ହୋଇଛି। ସେଥିପାଇଁ ବୋଧହୁଏ ଏହି ପ୍ରକାର ରୋଗରେ ପୀଡ଼ିତ ହେଉଛି। ସୁନିଦ୍ରାର ଅନେକ ପ୍ରକାର ସରଳ ଉପାୟ ମଧ୍ୟ ଅଛି।

– ନିୟମିତ ଶାଗ ଖାଇଲେ ନିଦ ଭଲ ଭାବରେ ହୋଇଥାଏ। ଏହି କ୍ଷେତ୍ରରେ ପାଳଙ୍ଗ ଶାଗ ସବୁଠୁ ଅଧିକ କାର୍ଯ୍ୟକାରୀ ହୁଏ।

– ମ୍ୟାଗ୍ନେସିୟମ ଓ କ୍ୟାଲସିୟମଯୁକ୍ତ ଖାଦ୍ୟ ଖାଇଲେ ମଧ୍ୟ ନିଦ ଭଲହୋଇଥାଏ ବୋଲି ଆମେରିକୀୟ ଗବେଷକଙ୍କ ମତ।

– ଲଣ୍ଡନର ଏକ କମ୍ପାନୀ ତାର କର୍ମଚାରୀଙ୍କୁ ଦୈନିକ ଦ୍ୱିପ୍ରହର ଭୋଜନରେ ଲେଟୁସ୍ ପରିବା ଥିବା ଭୋଜନ ଉପଲବ୍ଧ କରାଯାଉଛି। ଏହା ସୁନିଦ୍ରାର ଅନ୍ୟ ଏକ ମାଧ୍ୟମ ବୋଲି ଜଣାପଡ଼ିଛି।

– ଜାପାନରେ ଏହାର ଚିକିତ୍ସା ଆରୋମାଥେରାପି ମାଧ୍ୟମରେ ହେଉଛି। କର୍ମଜୀବୀ ଯୁବତୀମାନେ ସ୍ତ୍ରୀ ମାଧ୍ୟମରେ ଏହା ସଂସ୍ପର୍ଶରେ ଆସୁଛନ୍ତି।

– ଏହା ସହ ପ୍ରତ୍ୟେକ ଯୋଗ ଓ ଧ୍ୟାନ କରିବା ଦ୍ୱାରା ମଧ୍ୟ ନିଦ୍ରାହୀନତା ରୋଗ ଦୂର ହୋଇଥାଏ।

–ନ୍ୟୁଜିଲାଣ୍ଡର ଗବେଷକଗଣ ୬୫୦ଜଣ ଲୋକଙ୍କୁ ଏକ ଗବେଷଣାରେ ସାମିଲ କରିଥିଲେ। ସେମାନଙ୍କ କହିବା ମୁତାବକ, ଦୈନିକ ଦିନବେଳା ୨ଥର ଗ୍ରୀନ ଟି ପିଇଲେ ମନ ସତେଜ ରହେ। ରାତିରେ ଏହା ଗଭୀର ନିଦ୍ରା ହେବାର ମଧ୍ୟ ସହାୟକ ହୁଏ।

## ତ୍ୱଚାର ଯତ୍ନ



ଶୀତ ଋତୁରେ ତ୍ୱଚାର ଅଧିକ ଯତ୍ନ ନେବାକୁ ପଡ଼େ। ନଚେତ୍ ତ୍ୱଚା ଶୁଷ୍କ ହେବା ସହ ଏହାର ଔଜ୍ଜଲ୍ୟ ହରାଇ ବସିଥାଏ। ତେଣୁ ତ୍ୱଚାକୁ କିପରି ଏହି ଶୁଷ୍କତାରୁ ରକ୍ଷା କରିପାରିବେ, ସେ ସଂକ୍ରାନ୍ତ କିଛି ଉପଚାର।

– ଥଣ୍ଡା ପବନ ତ୍ୱଚା ଉପରେ ଗଭୀର ପ୍ରଭାବ ପକାଇଥାଏ। ଫଳରେ ତ୍ୱଚା ଫାଟିବାକୁ ଲାଗିଥାଏ। ତେଣୁ ସାବୁନ୍ କମ୍ ବ୍ୟବହାର କରନ୍ତୁ। କାରଣ ସାବୁନ ତ୍ୱଚାର ଶୁଷ୍କତାକୁ ବଢ଼ାଇଥାଏ। ବର୍ତ୍ତମାନ ବଜାରରେ ଏମିତି ମଧ୍ୟ ସାବୁନ ଉପଲବ୍ଧ, ଯେଉଁଥିରେ ତୈଳ ଅଂଶ ରହୁଛି। ତେଣୁ ଏହାକୁ ପ୍ରୟୋଗ କରନ୍ତୁ। ନଚେତ୍ ଭଲ କମ୍ପାନୀର ଫେଶୱାଶ ବ୍ୟବହାର କରିବା ଭଲ।

– ଏହି ସମୟରେ ଚେହେରା ଶୁଷ୍କ ଲାଗିଥାଏ। ତେଣୁ ମୁହଁରେ କୋକୋ ବଟର, ମିଲ୍କ କ୍ରିମ, ଲହୁଣି, କୋଲଡ କ୍ରିମ ଓ ମଷ୍ଟରାଇଜର ଆଦି ମାଲିସ କରନ୍ତୁ। ଏହା ସହ ସକାଳୁ ୧ ଚାମଚ ମହୁ ନେଇ ମୁହଁରେ ଲଗାଇ ୧୫ ମିନିଟ ପରେ ନଖ ଉଷୁମ ପାଣିରେ ଧୋଇନେବେ। ଏହା ତ୍ୱଚା ପାଇଁ ଏକ ଉତ୍ତମ ମଏଶ୍ଚରାଇଜର ପରି କାର୍ଯ୍ୟକରେ।

– ଅତ୍ୟଧିକ ଗରମ ପାଣିରେ ସ୍ନାନ କରନ୍ତୁ ନାହିଁ। ସ୍ନାନ କରିବା ସମୟରେ ପାଣିରେ କିଛି ବେବି ଅଏଲ, ଅଲିଭ ଅଏଲ ଏବଂ ବଡ଼ି ଅଏଲ କିମ୍ବା ଲୁଣ ମିଶାନ୍ତୁ। ଏହାଦ୍ୱାରା ତ୍ୱଚା ମୁଲାୟମ ରହିଥାଏ।

–ପ୍ରତ୍ୟହ ଗାଧୋଇବା ପୂର୍ବରୁ କିମ୍ବା ପରେ ଶରୀରରେ ନଡ଼ିଆ ତେଲ କିମ୍ବା ସୋରିଷ ତେଲ ମାଲିସ କରନ୍ତୁ। ତେଲ ମାଲିସ କରିବା ପରେ ୧୫-୨୦ ମିନିଟ ପର୍ଯ୍ୟନ୍ତ ଖରାରେ ବସି ରହିବା ଭଲ। ଏହାଦ୍ୱାରା ତ୍ୱଚା ନରମ ରହିଥାଏ।

– ଏହି ଋତୁରେ ଓଠ ଉପରେ ବହୁତ ଖରାପ ପ୍ରଭାବ ପଡ଼ିଥାଏ। ତେଣୁ ଓଠରେ ଲହୁଣି, ଘିଅ ଏବଂ ଭଲ କମ୍ପାନୀର ଲିପ୍ ବାମ ବ୍ୟବହାର କରନ୍ତୁ। ଏହାଦ୍ୱାରା ଓଠ ନରମ ହେବାସହ ଗୋଲାପୀ ରହିଥାଏ।

## ୟଙ୍ଗ ରହିବାକୁ ଚାହାନ୍ତି



ବୟସ କମାଇବାକୁ ଚାହାନ୍ତି, ଡେଲି ଗୋଟିଏ ଅଁଳା ଖାଇବାକୁ ଚେଷ୍ଟା କରନ୍ତୁ। କାରଣ ଏଥିରେ ରହିଛି ଭିଟାମିନର ଏକ ପ୍ରାକୃତିକ ସ୍ରୋତ। ଏହାକୁ ଆପଣ କଞ୍ଚା କିମ୍ବା ଜୁସ୍ କରି ବି ଖାଇପାରିବେ। କୁହାଯାଏ ପ୍ରତିଦିନ ଯଦି ଗୋଟିଏ ଅଁଳା ଖାଇବେ ଆପଣଙ୍କର ବହୁ ରୋଗ ଭଲ ହୋଇଯିବ। ଏହା ମଣିଷର ଆୟୁବି ବଢ଼ାଇଦେଇଥାଏ। ଏଥିରେ ଭିଟାମିନ ସି ଏବଂ ପ୍ରଚୁର ମାତ୍ରାରେ ଆଣ୍ଟି ଅକ୍ସିଡାଣ୍ଟ ଥିବାରୁ କେଶର ପ୍ରାକୃତିକ ରଙ୍ଗ ଠିକ୍ ଠାକ ରଖିଥାଏ। ଅର୍ଥାତ୍ କେଶ ଧଳାହେବାକୁ ଦିଏନାହିଁ। ଏଥିସହିତ ଯେଉଁ ବ୍ୟକ୍ତିଙ୍କର ନାକରୁ ରକ୍ତ ପଡୁଥାଏ ଅଁଳା ଖାଇବା ଦ୍ୱାରା ତାହା କମ୍ ହୋଇଯାଇଥାଏ। ଏଥିପାଇଁ ଶୁଖିଲା ଅଁଳାକୁ ରାତିରେ ଭିଜାଇ ସେହି ପାଣିରେ ମୁଣ୍ଡ ଧୋଇଲେ ଉପକାର ମିଳିଥାଏ। ଅଁଳା ରସକୁ ମଧ୍ୟ ନାକରେ ପକାନ୍ତୁ ଉପକାର ମିଳିବ। ଅଁଳାରେ ଭିଟାମିନ୍ ଏ ମଧ୍ୟ ଥାଏ। ଏହାକୁ ଖାଇଲେ ତ୍ୱଚା ୟଙ୍ଗ ଏବଂ ଟାଇଟ ରହିଥାଏ। ସକାଳୁ ଖାଲିପେଟରେ ଅଁଳା ଖାଇବା ବହୁତ ଭଲ। ଏକ ଷ୍ଟଡ଼ି ମୁତାବକ କେମିକାଲ କିମ୍ବା ଆଲକୋହଲ ଯୋଗୁଁ ଉପୁଜୁଥିବା ସମସ୍ୟାରୁ ଲିଭରକୁ ଅଁଳା ସୁରକ୍ଷା ଦେଇଥାଏ। ଅଁଳାରେ ହ୍ୟାଙ୍ଗୋଭର କମିଯାଇଥାଏ। ଅଁଳାରେ ଏଭଳି ଗୁଣ ରହିଛି ଯାହା ଶରୀରକୁ କ୍ୟାନସର ଠାରୁ ପ୍ରୋଟେକ୍ଟ କରିଥାଏ। ଏହା କ୍ୟାନ୍ସର ସୃଷ୍ଟିକାରୀ ସେଲ୍ସର ଗ୍ରୋଥକୁ କଣ୍ଟ୍ରୋଲ କରିଥାଏ। ଏହାବ୍ୟତୀତ କ୍ୟାନସର ଚିକିତ୍ସା ସମୟରେ ବା କେମୋ ଥେରାପି ପ୍ରଭାବକୁ କମ୍ କରିଥାଏ। ଏହା ଶରୀରର କଲେଷ୍ଟେରଲ ଲେବଲ କମ କରିଥାଏ। ଏଥିରେ ପ୍ରଚୁର ମାତ୍ରାରେ ଫାଇବର ଏବଂ ଆଇରନ ରହିଛି।

## ସୁଇସାଇଡ ଫରେଷ୍ଟ



ସାରା ବିଶ୍ୱରେ ବହୁ ଭେରାଇଟି ଜଙ୍ଗଲ ଦେଖିଥିବେ। କିଛି ଜଙ୍ଗଲ ବହୁତ ସୁନ୍ଦର ତ ଆଉକିଛି ରହସ୍ୟମୟ। କିନ୍ତୁ ଏମିତି ଏକ ଜଙ୍ଗଲ ରହିଛି ଯାହାକି ଭୟଙ୍କର ଜଙ୍ଗଲ କୁହାଯାଇଥାଏ ଏବଂ ଆପଣ କେବେବି ଏଠାକୁ ଯିବାକୁ ପସନ୍ଦ କରିବେନି। କାରଣ ଏଠାକୁ ଲୋକମାନେ ବୁଲିବାକୁ ନୁହେଁ ମରିବାକୁ ହିଁ ଆସିଥାନ୍ତି। ଏହି ଜଙ୍ଗଲରେ ଭିନ୍ନ ଭିନ୍ନ ସ୍ଥାନରେ ଝୁଲିରହିଥିବା ଲାସ, ତଳେ ପଡ଼ିଥିବା ଚପଲ ଏବଂ ଘନ ନୀରବତା ଦେଖିବାକୁ ମିଳିଥାଏ। ଏହି ଜଙ୍ଗଲକୁ ପଶିଲେ କୌଣସି ଭୂତ ଫିଲ୍ମର ଶୁଟିଂ ହେଲାଭଳି ଫିଲହେବ। ୧୬ ବର୍ଗ ମାଇଲ ବ୍ୟାପ୍ତ ଏହି ଜଙ୍ଗଲରେ ସୂର୍ଯ୍ୟକିରଣ ପଡ଼େନାହିଁ। ଜାପାନର ଏହି ଜଙ୍ଗଲକୁ ସାରା ବିଶ୍ୱରେ ସୁଇସାଇଡ଼ ଫରେଷ୍ଟ କିମ୍ବା ଭୂତ ଜଙ୍ଗଲ ଭାବେ ସମସ୍ତେ ଜାଣନ୍ତି। କୁହାଯାଏ ଯଦି କେହି ଅଜାଣତରେ ଏହି ଜଙ୍ଗଲରେ ପାଦ ଥୁଏ ତ କେବେବି ଫେରି ଆସିନଥାଏ। ଓକିଧାରା ନାମକ ଏହି ଫରେଷ୍ଟଟି ରହିଛି ମାଉଣ୍ଟ ଫୁଜି ନିକଟରେ। ଏଠାରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ସଂଖ୍ୟା ଏତେ ବଢ଼ିଯାଇଛି ଯେ ଜାପାନ ସରକାରଙ୍କ ପକ୍ଷରୁ ଜଙ୍ଗଲ ଗେଟ ପାଖରେ ଏକ ସାଇନବୋର୍ଡ଼ ଲଗାଯାଇଛି ଏବଂ ସେଥିରେ ଲେଖାଯାଇଛି, ଯେଉଁମାନେ ଆତ୍ମହତ୍ୟା କରିବାକୁ ଏଠାକୁ ଆସୁଛନ୍ତି ସେମାନେ କାହାର ସହଯୋଗ ନେଇ ଏଠାରୁ ପଳାଇଯାଆନ୍ତୁ। ୧୯୫୦ରୁ ଆଜିଯାଏ ସେଠାରେ ୫୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିସାରିଛନ୍ତି। କେବଳ ୨୦୧୦ରେ ୨୭୬ଜଣ ଏଠାରେ ମୃତ୍ୟୁବରଣ କରିଥିଲେ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୭ ଡିସେମ୍ବର ୨୦୨୩, ବୁଧବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପର୍ଯ୍ୟଟନ ସ୍ଥଳୀର ସୁରକ୍ଷା...

ଆରମ୍ଭ ହୋଇଯାଇଛି ପର୍ଯ୍ୟଟନ ଋତୁ। ଚାଷୀମାନଙ୍କ ପାଇଁ ଏହା ଅମଳର ସମୟ। ପ୍ରକୃତି ମଧ ସଜେଇ ହୋଇଥାଏ ଭଳିକି ଭଳି ଫୁଲର ସମ୍ଭାରରେ। ସକାଳ କୁହୁଡ଼ି ମୁଣ୍ଡ ଉପରେ ଘଷି ହୋଇଯିବାର ଆକର୍ଷଣ ନିଆରା। ଘାଟ ପ୍ରସ୍ତୁତ ଆଉ ହାଟ ମଧ। ପ୍ରକୃତରେ ଘରସଂସାର, ବ୍ୟବସାୟ ଓ ଚାକିରି ଭିତରେ ବ୍ୟସ୍ତତାର ସାମୟିକ ଅବ୍ୟାହତି ପାଇବାର ବେଳ ହେଉଛି ଏହି ପର୍ଯ୍ୟଟନ ଋତୁ। ତେବେ ପର୍ଯ୍ୟଟନ ସମୟରେ ପର୍ଯ୍ୟଟକଙ୍କ ଖୁସି ଯେତିକି ଅକଳନୀୟ, ପର୍ଯ୍ୟଟନ ସ୍ଥଳୀର ଖେଦ ତା'ଠାରୁ ଅଧିକ ଚିନ୍ତାଜନକ। କରିବାର ଅର୍ଥ ହେଲା, ବହୁସମୟରେ ଆମ ଆନନ୍ଦ, ବେପରୁଆ ମନୋବୃତ୍ତି, ଦାୟିତ୍ୱହୀନତା ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ଅପରିଷ୍କାର ଓ ଅସୁନ୍ଦର କରିଥାଏ। ଏଭଳି ଅବାଞ୍ଛିତ ଦୃଶ୍ୟ ଆମ ଦେଶରେ ଅତ୍ର, ତତ୍ର, ସର୍ବତ୍ର ବିଦ୍ୟମାନ। ସତେଯେମିତି ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ଅପରିଷ୍କାର କରିବାକୁ ଜାଣତରେ ବା ଅଜାଣତରେ ଆମେ ପଣ କରିଛନ୍ତି। ଆମ ପର୍ଯ୍ୟଟକ ବନ୍ଧୁମାନେ ବୁଲାବୁଲି ସମୟରେ ନିଜେ ନିଜର ନାମ କାନ୍ଥ, ବାଡ଼, ଗଛ, ପଥର ସବୁଠି ଲେଖିଥିବେ। କେବଳ ସେତିକି ନୁହେଁ, ପର୍ଯ୍ୟଟନ ସ୍ଥଳୀର ସୌନ୍ଦର୍ଯ୍ୟକୁ ବିକୃତ କରିବାରେ ମଧ ଆମେ କୁଣ୍ଠାବୋଧ କରୁନାହୁଁ। ଜରି, ପଲିଥିନ୍ ? ?, କାଗଜ ଠୁଙ୍ଗା, ପାଣି ବୋତଲ୍ ? ?, ଆଦି ବ୍ୟବହାର ପରେ ଏଣେତେଣେ ନିର୍ଦ୍ଦୟ ଭାବେ ଫିଙ୍ଗିବାରେ ଆମେ ବିଶେଷ ଦକ୍ଷତା ହାସଲ କରିଛନ୍ତି ବୋଧହୁଏ। ଆମେ କେତେ ଶିକ୍ଷିତ ହେଲେ ଆମ ଭିତରେ ଜାତୀୟ ସମ୍ପତ୍ତି ସୁରକ୍ଷା ପାଇଁ ସଚେତନତା ଓ ସମ୍ବେଦନଶୀଳ ମନୋବୃତ୍ତି ଜାଗ୍ରତ ହେବ ! ଠାକୁରଙ୍କ ପୂଜା ପାଇଁ ଫୁଲ ଚୋରିଠାରୁ ପର୍ଯ୍ୟଟନ ସ୍ଥଳୀର ସୌନ୍ଦର୍ଯ୍ୟକୁ ନଷ୍ଟ କରିବା ଯାଏଁ ଯାବତୀୟ ଆପତ୍ତିଜନକ କାର୍ଯ୍ୟ କରିବାକୁ ଆମେ ତିଳେ ମଧ ହେଳା କରୁନାହୁଁ। କିଛିଦିନ ତଳର ଘଟଣା। ଗୋଟିଏ ପାର୍କ ସପରିବାର ବୁଲିବାକୁ ଯାଇଥିଲୁ। ସରକାରୀ ପ୍ରୋତ୍ସାହନ ଓ ପ୍ରୟାସରେ ନିର୍ମିତ ଉଦ୍ୟାନଟି ଅତି ଆକର୍ଷଣୀୟ ହୋଇଛି। ଛୋଟ ପାହାଡ଼ ଉପରେ ନିର୍ମିତ ଏହି ଉଦ୍ୟାନର ପ୍ରାକୃତିକ ଶୋଭା ଅଦ୍ୱିତୀୟ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ନିର୍ମିତ ହୋଇଛି ବିଭିନ୍ନ ଆକୃତିର ଡାଇନୋସର ପ୍ରତିକୃତି। ପରିତ୍ୟକ୍ତ ମଦ ବୋତଲଗୁଡ଼ିକୁ ନେଇ ନିର୍ମିତ ଗଛ ପ୍ରତିକୃତିଗୁଡ଼ିକ ବାସ୍ତବରେ ମନୋଲୋଭା। ଆମ ଆଗରେ ଦୁଇଜଣ ପାଠୁଆ ଯୁବକ ଜଣେ ଯୁବତୀ ବନ୍ଧୁଙ୍କ ସହ ଆଗେ ଆଗେ ବୁଲୁଥା'ନ୍ତି। ସେମାନଙ୍କ ଆଚରଣ ଓ ଉଚ୍ଚାରଣ ସାଧାରଣ ଲୋକଙ୍କ ପାଇଁ ଅରୁଚିକର ଓ ଅଶୋଭନୀୟ ହୋଇଥିଲେ ମଧ ବାଧ ହୋଇ ସମସ୍ତେ ଶୁଣୁଥା'ନ୍ତି ଓ ଦେଖୁଥା'ନ୍ତି। ଯୁବକ ଜଣକ ବୀର ଦର୍ପରେ ବୋତଲରେ ନିର୍ମିତ ଗଛ ପ୍ରତିକୃତିକୁ ଜୋରରେ ଗୋଇଠା ମାରି ଦୁଇ ଚାରିଟି ବୋତଲ ଖସେଇ ଦେଲେ। କିଛି ସଚେତନ ଭଦ୍ର ଦେଖଣାହାରୀଙ୍କ ପ୍ରତିବାଦ ପରେ ଯୁବକଙ୍କ ପ୍ରତିକ୍ରିୟା ଥିଲା – ଟିକେଟ କାଟି ଆସିଛୁ ଆଜ୍ଞା। ଆମ ଟଙ୍କାରେ ତିଆରି ହେବ। ଏ ହେଉଛି ଆମ ଯୁବକଯୁବତୀଙ୍କ ଆଚରଣ ଓ ମନୋବୃତ୍ତି। ଆଉ ଗୋଟିଏ ଘଟଣା। ଏକ ଅନୁଷ୍ଠାନ ତରଫରୁ ଗୋଷ୍ଠୀଗତ ଭୋଜି ଆୟୋଜନ ହୋଇଥିଲା। ଭୋଜିଭାତ, ବୁଲାବୁଲି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଆମେ ସମସ୍ତେ ପଡ଼ିଥିବା ଜରି, ଖଲିପତ୍ର ଓ ଅନ୍ୟାନ୍ୟ ଅଳିଆ ଆବର୍ଜନା ସଂଗ୍ରହ କରି ଡଷ୍ଟବିନ୍ ? ?ରେ ଭର୍ତ୍ତି କରିଦେଲୁ। ଆଶ୍ଚର୍ଯ୍ୟର କଥା, ଆମେ ସଫା କଲା ବେଳେ ସେ ବାଟଦେଇ ଯାଉଥିବା ଦୁଇଚାରି ଜଣ ସେମାନଙ୍କ ଭିତରେ କଥାବାର୍ତ୍ତା ହେଉଥା'ନ୍ତି – ଏମାନେ ସଫେଇ କର୍ମଚାରୀମାନଙ୍କ ଭଳି ଦେଖାଯାଉ ନାହାନ୍ତି। ବୋଧହୁଏ ଦେଖେଇ ହେବା ପାଇଁ ଏଭଳି ଫଟୋଉଠା ନାଟକ କରୁଛନ୍ତି। ଏ ହେଉଛି ଆମ ମାନସିକତା। ଏଠାରେ ଗୋଟିଏ ପୁସ୍ତକରେ ପଢ଼ିଥିବା କଥାଟିଏ ଉଲ୍ଲେଖ କରୁଛି। ସେଥିରେ ଲେଖକ ଲେଖିଥିଲେ ଯେ ମୋର ଜଣେ ମିତ୍ର ସମ୍ପ୍ରତି ଆମେରିକା ଭ୍ରମଣରୁ ଫେରିଥିଲେ। ସେ କହୁଥିଲେ ଡିସନିଲ୍ୟାଣ୍ଡ ଆମେରିକାର ଏକ ଚମତ୍କାର ସ୍ଥାନ, ଯେଉଁଠିକୁ ୪୦/୫୦ ହଜାର ଦର୍ଶକ ପ୍ରତିଦିନ ଆସନ୍ତି। ଛୁଟିଦିନରେ ପ୍ରାୟ ଲକ୍ଷାଧିକ ଦର୍ଶକ ଆସିଥା'ନ୍ତି। କିନ୍ତୁ ବ୍ୟବସ୍ଥା ଏତେ ସୁନ୍ଦର ହୋଇଥାଏ ଯେ କେଉଁଠି ହେଲେ ଭିଡ଼ ବା ଠେଲାପେଲା ହେବାର ଭୟ ନଥାଏ। ଯେତେବେଳେ ଦର୍ଶକମାନଙ୍କ ଧାଡ଼ି ଦୁଇ କିଲୋମିଟର ପର୍ଯ୍ୟନ୍ତ ଲାଗିଥିଲା, ସେତେବେଳେ ବି ମୋତେ ଲାଗୁଥିଲା ମୋ ପାଳି ଶୀଘ୍ର ଆସିଯିବ। ଏଥିସହିତ ଲେଖକ ଲେଖିଛନ୍ତି ଏକ କର୍ତ୍ତବ୍ୟପରାୟଣ ସମାଜ ନିଜ ଯୁବପିଢ଼ିର ଆଚାର ବ୍ୟବହାରକୁ କେତେ ଉଚ୍ଚ ମାନଦଣ୍ଡରେ ଗଠନ କରିପାରେ ଏହା ତାହାର ପ୍ରକୃଷ୍ଟ ଉଦାହରଣ। ଛୋଟବେଳୁ ହିଁ ଉଚିତ ପ୍ରଶିକ୍ଷଣ ଦେଇ ପିଲାଙ୍କୁ ଉତ୍ତମ ନାଗରିକରେ ପରିଣତ କରାଯାଇପାରେ। ଆମ ଯୁବ ଭାରତର ଯୁବଶକ୍ତି ନିଜକୁ ଦେଶର ଭାଗ୍ୟ ଓ ଭବିଷ୍ୟତ ଭାବରେ ନିଜକୁ ପ୍ରସ୍ତୁତ କରିବା ଉଚିତ। ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ବନ୍ଧରେ ଆତ୍ମସମୀକ୍ଷା ଆବଶ୍ୟକ। କାରଣ ଯୁବଶକ୍ତି ହିଁ ରାଷ୍ଟ୍ରଶକ୍ତି। ସାଧନ ଦେବା ସରକାରଙ୍କ କାର୍ଯ୍ୟ, କିନ୍ତୁ ସାଧନା ଆମର। ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ଆକର୍ଷଣୀୟ ଓ ଶୋଭାବର୍ଦ୍ଧକ କରିବା ସରକାରଙ୍କ କାମ, କିନ୍ତୁ ସେଗୁଡ଼ିକର ସୁରକ୍ଷା ଆମର କର୍ତ୍ତବ୍ୟ। ଆଶାକରେ ଆମ ଯୁବସମାଜ ଏ ସମ୍ପର୍କରେ ଗଭୀର ଚିନ୍ତନ କରିବେ ଏବଂ ଏକ ବିକଶିତ ରାଜ୍ୟ ଓ ରାଷ୍ଟ୍ର ଗଠନର ବିଶ୍ୱକର୍ମା ହେବେ।

## ଓଡ଼ିଶାରେ ଆର୍ୟୁବେଦ

### ଡକ୍ଟର ବିଚିତ୍ରାନନ୍ଦ ଆଚାର୍ଯ୍ୟ



ଶରୀର ଥିଲେ ରୋଗ ଅଛି। ରୋଗ ଥିଲେ ଚିକିତ୍ସା ଅଛି। ଆୟୁର୍ବେଦ ହେଉଛି ବିଶ୍ୱର ଏକ ପୁରାତନ ଚିକିତ୍ସା ପଦ୍ଧତି। ହଜାର ହଜାର ବର୍ଷ ଧରି ଭାରତରେ ଏହି ଚିକିତ୍ସା ପଦ୍ଧତି ପ୍ରଚଳିତ। ବେଦ ଓ ପୁରାଣରେ ମଧ ଆୟୁର୍ବେଦ ସଂପର୍କରେ ବର୍ଣ୍ଣନା ରହିଛି। ଆୟୁର୍ବେଦ ଶାସ୍ତ୍ର ଅନୁସାରେ ପାଞ୍ଚୋଟି ତତ୍ତ୍ୱକୁ ନେଇ ପୁରା ବ୍ରହ୍ମାଣ୍ଡ ଗଠିତ ହୋଇଛି। ଏଥିରେ ବାୟୁ ଜଳ, ଆକାଶ, ପୃଥିବୀ ଓ ଅଗ୍ନିକୁ ସାମିଲ କରାଯାଇଛି। ଆୟୁର୍ବେଦରେ ଏହାକୁ ପଞ୍ଚ ମହାଭୂତ କୁହାଯାଏ। ପିତ୍ତଦୋଷ, ବାତ ଦୋଷ ଓ କଫ ନାମରେ ତିନୋଟି ବିକାର ମନୁଷ୍ୟ ଶରୀରରେ ସୃଷ୍ଟି ହୋଇଥାଏ। ଏହାକୁ ତ୍ରିଦୋଷ କୁହାଯାଏ। ମଣିଷ ଶରୀରରେ ସପ୍ତ ଧାତୁ ରହିଛି। ସେଗୁଡ଼ିକ ହେଲା ରସ, ମେଦ, ରକ୍ତ, ମଜ୍ଜା, ଅସ୍ଥି, ମାଂସ ଓ ଶୁକ୍ର। ଏହି ସବୁର କାମ ଅଲଗା ଅଲଗା। ମଣିଷକୁ ସୁସ୍ଥ ଓ ନିରୋଗ ରଖିବାରେ ଏହାର ପ୍ରମୁଖ ଭୂମିକା ରହିଛି।

ହଜାର ହଜାର ବର୍ଷ ଧରି ଆୟୁର୍ବେଦ ସୁସ୍ଥ ଜୀବନ ନିମନ୍ତେ ମାର୍ଗ ଦର୍ଶନ କରିଆସିଛି। ଆୟୁର୍ବେଦ ଥିଲା ପ୍ରାଚୀନ ଭାରତରେ ରୋଗ ଉପଚାର ଓ ସୁସ୍ଥ ଜୀବନ ଶୈଳୀର ସର୍ବୋତ୍ତମ ଉପାୟ। ଔଷଧୀୟ ବୃକ୍ଷଲତା, ଜଡ଼ିବୁଟି ସହିତ ଅନ୍ୟ ପ୍ରାକୃତିକ ସାମଗ୍ରୀରେ ଔଷଧ ପ୍ରସ୍ତୁତ ହୋଇଥାଏ। ଆଧୁନିକ ଦୁନିଆରେ ମଧ ସୁସ୍ଥ ଶରୀର ପାଇଁ ଲୋକେ ଆୟୁର୍ବେଦର ଉପଯୋଗ କରୁଛନ୍ତି। ଜୀବନକୁ ସୁଖ, ରୋଗମୁକ୍ତ କରିବାରେ ଏହା ସାହାଯ୍ୟ କରେ। ବହୁ ଦୁରାରୋଗ୍ୟ ବ୍ୟାଧି ମଧ ଆୟୁର୍ବେଦ ଚିକିତ୍ସା ଦ୍ୱାରା ଭଲ ହେଉଥିବା ଦାବି କରାଯାଏ। ବିଜ୍ଞାନ ଯେତେ ଅଗ୍ରଗତି କଲେ ମଧ ଏବେ ବି ଆୟୁର୍ବେଦ ଉପଚାରକୁ ବିକଳ୍ପ ଚିକିତ୍ସା ବୋଲି କୁହାଯାଏ।

ପାଶ୍ଚାତ୍ୟ ଔଷଧ ବ୍ୟବହାରର ବହୁ ପୂର୍ବରୁ ଆୟୁର୍ବେଦର ଅସ୍ତିତ୍ୱ ଥିଲା। ବିଶ୍ୱରେ ଭାରତୀୟ ଆୟୁର୍ବେଦର ଉଲ୍ଲେଖନୀୟ ଭୂମିକା ରହିଛି। ଓଡ଼ିଶା ମଧ ଆୟୁର୍ବେଦ କ୍ଷେତ୍ରରେ ପଛରେ ପଡ଼ିନାହିଁ। ଓଡ଼ିଶାରେ କେତେକ ଅଞ୍ଚଳରେ ରହିଛି ଆୟୁର୍ବେଦ କଲେଜ, ଡାକ୍ତରଖାନା, ଗବେଷଣାକେନ୍ଦ୍ର। ଯେଉଁଠି ଆୟୁର୍ବେଦ ପାଠପଢ଼ା, ଗବେଷଣା ସହିତ ଉତ୍ତମମାନର ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ସେହିପରି ରାଜ୍ୟରେ ରହିଛି କେତୋଟି ଆୟୁର୍ବେଦିକ ଔଷଧ ନିର୍ମାତା ସଂସ୍ଥା। ଫଳରେ ଓଡ଼ିଶାବାସୀ ଆୟୁର୍ବେଦ ଚିକିତ୍ସା ସୁଲଭ ଓ ସୁବିଧାରେ ପାଇପାରୁଛନ୍ତି। ଓଡ଼ିଶାରେ ଆୟୁର୍ବେଦ ଚିକିତ୍ସାର ପ୍ରଚଳନ ଅନେକ ତାଳପତ୍ର ପୋଥି, ରାଜବୈଦ୍ୟ ଏବଂ ଅନ୍ୟ କବିରାଜମାନଙ୍କ ପାଖରେ ରହିଥିଲା। ଅନେକ ପ୍ରସିଦ୍ଧ ବୈଦ୍ୟ ଏବଂ ତାଙ୍କ ସ୍ୱରଚିତ ଚିକିତ୍ସା ଗ୍ରନ୍ଥ ଯଥା ମାଧବକର ନିଦାନ, ଅଭିନବ ଚିନ୍ତାମଣି, ଚିକିତ୍ସାର୍ଣ୍ଣବ, ପଥ୍ୟାପଥ୍ୟ, ପୁସ୍ତକ, ଚିକିତ୍ସା ମଞ୍ଜରୀ ଆଦି ପୁସ୍ତକ ମାଧମରେ ଉପଲବ୍ଧ। ଭାରତ ସ୍ୱାଧୀନତା ପରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ଓଡ଼ିଶାରେ ସରକାରୀ ସ୍ତରରେ ୫୦୦ରୁ ଉର୍ଦ୍ଧ୍ୱ ସରକାରୀ ଆୟୁର୍ବେଦ ଡାକ୍ତରଖାନା, ୫ଟି ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଏବଂ ନୂତନ ଭାବେ ଅନେକ ଆୟୁର୍ବେଦ ୱେଲନେସ ସେଣ୍ଟର ପ୍ରତିଷ୍ଠା କରାଯାଇଛି। ଏହା ବ୍ୟତୀତ ଭାରତ ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ ମାଧମରେ ରାଜ୍ୟରେ ୩୦୦୦ରୁ ଉର୍ଦ୍ଧ୍ୱ ଆୟୁଷ ଡାକ୍ତର କାର୍ଯ୍ୟ କରୁଛନ୍ତି। ଆୟୁର୍ବେଦ ଡାକ୍ତରଖାନା ଏବଂ ୱେଲନେସ କେନ୍ଦ୍ରରେ ପଞ୍ଚକର୍ମ ଓ ଯୋଗ ଚିକିତ୍ସା ଦ୍ୱାରା ଅନେକ ରୋଗର ଚିକିତ୍ସା କରାଯାଉଛି। ଭାରତର ସରକାରଙ୍କର ଆୟୁଷ ମନ୍ତ୍ରାଳୟ ଅଧୀନସ୍ଥ ସିସିଆରଏଏସର ଏକ କେନ୍ଦ୍ର ଭୁବନେଶ୍ୱରର ଭାରତ ପୁର ଠାରେ ଅଛି। ଏଥିରେ ଏକ ରିସର୍ଚ୍ଚ ହସ୍ପିଟାଲ ଅଛି। ବିଭିନ୍ନ ପୁରାତନ ଓ ଜଟିଳ ରୋଗର ଚିକିତ୍ସା ଏବଂ ଗବେଷଣା ଏଠି କରାଯାଏ। ବିଭିନ୍ନ ପ୍ରକାରର ଆର୍ଥାଇଟିସ, ସ୍ପଣ୍ଡିଲାଇଟିସ, ସୋରିଆସିସ୍, ମେଦବହୁଳତା, ଶ୍ୱାସ, ପେଟ ଓ ଯକୃତ ରୋଗ, ମଧୁମେହ, ମଳାଶୟ ରୋଗ, ପକ୍ଷାଘାତ, ସ୍ତ୍ରୀରୋଗ ଚିକିତ୍ସା ଏଠାରେ କରାଯାଏ। ବର୍ତ୍ତମାନ ମାନକ ଔଷଧୀୟ ଗଛଲତା ଚାଷ, ମାନକ ଆୟୁର୍ବେଦ ଔଷଧ ପ୍ରସ୍ତୁତି ଏବଂ ଗବେଷଣା ଆଧାରିତ ଆୟୁର୍ବେଦ ଚିକିତ୍ସା ଉପରେ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଜନମାନସରେ ଆୟୁର୍ବେଦକୁ ଆହୁରି ଆଦୃତ ଓ ପ୍ରସାର କରିବା ନିମନ୍ତେ ଆୟୁର୍ବେଦ ବୃକ୍ଷଲତାଦିର ଚାଷ, ମାନକ ଔଷଧ ପ୍ରସ୍ତୁତି, ରାଜ୍ୟର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ଆୟୁର୍ବେଦ ପଞ୍ଚକର୍ମ କେନ୍ଦ୍ରର ସ୍ଥାପନ ରାଜ୍ୟରେ ଆୟୁର୍ବେଦ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି କରିବା ସହ ଚିକିତ୍ସା ମାନଙ୍କୁ ବିଭିନ୍ନ ସମୟରେ ନୂତନ ଜ୍ଞାନକୌଶଳ ଆଦି ତାଲିମର ଦରକାର ରହିଛି। ଏହା ସହିତ ଓଡ଼ିଶାର ପ୍ରତ୍ୟେକ ସହରରେ ଆୟୁର୍ବେଦ ଚିକିତ୍ସା କେନ୍ଦ୍ର ସରକାରୀ ଓ ବେସରକାରୀ ସ୍ତରରେ ସ୍ଥାପନ କଲେ ଆୟୁର୍ବେଦ ଆଗାମୀ ଦିନରେ ଓଡ଼ିଶାରେ ଅନ୍ୟ ରାଜ୍ୟ ପରି ଲୋକାଦୃତ ହେବା ସହ ବହୁ ଉପଯୋଗୀ ହେବ।

ଆୟୁର୍ବେଦ ଚିକିତ୍ସା ଆରମ୍ଭ : ପୂର୍ବରୁ ଗାଁ ଗହଳିରେ ବିଭିନ୍ନ ରାଜ୍ୟବୈଦ୍ୟ, ବୈଦ୍ୟ ବା କବିରାଜ ଥିଲେ। ବର୍ତ୍ତମାନ ସେମାନଙ୍କ ସଂଖ୍ୟା ବିଲୁପ୍ତ ହୋଇଯାଇଛି। ଆଦିବାସୀ ଜନଜାତି କିଛି ମାତ୍ରାରେ ଔଷଧ ସମ୍ପର୍କରେ ଜ୍ଞାନ ରଖୁଛନ୍ତି। ଆୟୁର୍ବେଦ ଚିକିତ୍ସାକୁ ଆଗକୁ ବଢ଼ାଇବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପ୍ରୟାସରେ ବିଭିନ୍ନ କଲେଜ, ଶିକ୍ଷାନୁଷ୍ଠାନ ଓ ହସ୍ପିଟାଲ ନିର୍ମାଣ କରାଯାଇଛି। ଆୟୁର୍ବେଦରେ ଡାକ୍ତରୀ ପାଠପଢ଼ି ରୋଗୀଙ୍କ ପାଇଁ ଚିକିତ୍ସା କରୁଛନ୍ତି। ସେଥିମଧ୍ୟରୁ ପୁରୀର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜ, ଗଞ୍ଜାମ ଅଙ୍କୁଶପୁରର ଆୟୁର୍ବେଦ ମହାବିଦ୍ୟାଳୟ, ବରଗଡ଼ ଜିଲ୍ଲା ପାଇକମାଳର ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ କଲେଜ ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଆଦି ଆୟୁର୍ବେଦ କଲେଜ, ଡାକ୍ତରଖାନା ଓ ଗବେଷଣାକେନ୍ଦ୍ର ଗୁଡ଼ିକ ଆୟୁର୍ବିଜ୍ଞାନ କ୍ଷେତ୍ରରେ ବେଶ ସୁନାମ ଅର୍ଜନ କରିଛି। ସେହିପରି କେତେକ ବେସରକାରୀ ଭାବେ ମଧ କେତେକ ଆୟୁର୍ବେଦ କଲେଜ ଓ ଡାକ୍ତରଖାନା ପରିଚାଳିତ ହେଉଛି। କଟକ ବିଦ୍ୟାଧରପୁର ଠାରେ ଥିବା ଶ୍ରୀ ଶ୍ରୀ ଆୟୁର୍ବେଦ କଲେଜ ଅଫ ଆୟୁର୍ବେଦ ସାଇନସ ଆଣ୍ଡ ରିସର୍ଚ୍ଚ ହସପିଟାଲ ଆୟୁର୍ବେଦ କ୍ଷେତ୍ରରେ ଏକ ନୂଆ ଧାରା ସୃଷ୍ଟି କରୁଛି। ପ୍ରତିଦିନ ବହୁ ସଂଖ୍ୟକ ରୋଗୀ ଏଠାରେ ଚିକିତ୍ସା ସୁବିଧା ପାଇପାରୁଛନ୍ତି। ଏଠାରେ ଛାତ୍ରଛାତ୍ରୀ ଉଚ୍ଚମାନର ଶିକ୍ଷା ଲାଭ କରୁଛନ୍ତି।

ଓଡ଼ିଶାରେ ପ୍ରତିଷ୍ଠିତ ବୈଦ୍ୟ : ପ୍ରାଚୀନ କାଳରୁ ଶିକ୍ଷାର ଏକ ପ୍ରମୁଖ ଅଙ୍ଗ ଭାବରେ ଆୟୁର୍ବେଦ ଚିକିତ୍ସାଶାସ୍ତ୍ର ଗୁରୁ-ଶିଷ୍ୟ ପରମ୍ପରା ମଧ ଦେଇ ଏକ ଦୀର୍ଘ ପଥ ଅତିକ୍ରମ କରିଆସିଛି। ସମୟର ଅଶେଷ ଉତ୍ଥାନ-ପତନ ମଧ ଦେଇ ଅଗଣିତ ଜ୍ଞାତ ଓ ଅଜ୍ଞାତ ଭାରତୀୟ ବୈଦ୍ୟମାନ ଯେପରି ଆୟୁର୍ବେଦ ଚିକିତ୍ସା ସେବାକୁ ଜୀବନର ଶ୍ରେଷ୍ଠଧର୍ମ ଭଳି ପାଳନ କରି ଆସୁଥିଲେ, ଓଡ଼ିଶାରେ ମଧ ସେହିଭଳି ପାଳନ କରି ଆସୁଥିଲେ, ଓଡ଼ିଶାରେ ମଧ ସେହିଭଳି କେତେକ ବୈଦ୍ୟ ଏହି ପଥରେ ନିଜର ସମଗ୍ର ଜୀବନକୁ ନିୟୋଜିତ କରିଦେଇଥିଲେ। ଉନ୍ନବିଂଶ ଶତାବ୍ଦୀର ଶେଷ ଭାଗରେ ଓଡ଼ିଶାର ଆୟୁର୍ବେଦ ଆକାଶରେ କେତେ ଜଣ ପ୍ରଖ୍ୟାତ ବୈଦ୍ୟ ଜ୍ୟୋତିଷ୍କଙ୍କର ଆବିର୍ଭାବ ହୋଇଥିଲା। ସେହି ବୈଦ୍ୟଗଣଙ୍କ ମଧ୍ୟରୁ ବୈଦ୍ୟରତ୍ନ ମାଗୁଣି ବ୍ରହ୍ମା, ଚତୁର୍ଭୁଜ ରାୟଗୁରୁ, ବୈଦ୍ୟରାଜ ଗୋପୀନାଥ ପାତ୍ର, ବୈଦ୍ୟରତ୍ନ ପୂର୍ଣ୍ଣ ଚନ୍ଦ୍ରରଥ, ବୈଦ୍ୟ ବାଚସ୍ପତି ବିଦ୍ୟାଭୂଷଣ ପଣ୍ଡିତ ବ୍ରଜବନ୍ଧୁ ତ୍ରିପାଠୀ, କାମାକ୍ଷା ପ୍ରସାଦ ଶର୍ମା ଏବଂ କବିରାଜ ଆନନ୍ଦ ମହାପାତ୍ର ଶର୍ମା। ପ୍ରମୁଖ ଅନ୍ୟତମ। ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଆବିର୍ଭୂତ ହୋଇଥିବା ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ବୈଦ୍ୟଗଣଙ୍କ ମଧ୍ୟରେ କବିରାଜ ରାୟ ସାହେବ ଲକ୍ଷ୍ମଣ ମିଶ୍ର, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଆୟୁର୍ବେଦ ଶିରୋମଣି କବିରାଜ ଅନନ୍ତ ତ୍ରିପାଠୀ ଶର୍ମା, କବିରାଜ ସୋମନାଥ ଦାସ, ପଣ୍ଡିତ କବିରାଜ ଭୀମସେନ ପାଠୀ ଶର୍ମା, କବିରାଜ ମହାଦେବ ପାତ୍ର, ବୈଦ୍ୟଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଏବଂ କବିରାଜ ସତ୍ୟନାରାୟଣ ପାତ୍ରଙ୍କ ନାମ ଉଲ୍ଲେଖଯୋଗ୍ୟ ଅଟେ। ଓଡ଼ିଶାର ବିଜ୍ଞ ଆୟୁର୍ବେଦ ଚିକିତ୍ସକ ବୈଦ୍ୟରତ୍ନ ମାଗୁଣି ବ୍ରହ୍ମା (ପୁରୀ), ପୂର୍ଣ୍ଣଚନ୍ଦ୍ର ରଥ (ପୁରୀ) ଗୋପାଳ ଆଚାର୍ଯ୍ୟ (ଗଞ୍ଜାମ) ଏବଂ ବାଲୁଙ୍କେଶ୍ୱର ଆଚାର୍ଯ୍ୟ (କଟକ)ଙ୍କୁ ଭାରତର ସରକାରଙ୍କ ତରଫରୁ ବୈଦ୍ୟରତ୍ନ ଉପାଧି ପ୍ରଦାନ କରାଯାଇଛି। ଓଡ଼ିଶାରେ ଆୟୁର୍ବେଦ ଚିକିତ୍ସା ସେବା ଏବଂ ଆୟୁର୍ବେଦର ଶିକ୍ଷାର ପ୍ରଚାର ପ୍ରସାର କ୍ଷେତ୍ରରେ ଏହି ସମସ୍ତ ବୈଦ୍ୟମାନଙ୍କର ଅବଦାନ ଅତୁଳନୀୟ।

+ବାଲିଗୁଡ଼ା, କନ୍ଧମାଳ

## ଗୁରୁବେ ନମଃ

### ଶ୍ରୀ ପ୍ରବୋଧ ଚନ୍ଦ୍ର ପତି

"ଗୁଜବ ଏକ ଅଜବ ଘଟଣା, ଯାଦା ଅକୁହା କହେ, ଅଶୁଣା ଶୁଣେ; ସତ୍ୟ ଆଲୋକକୁ ଚପାଇ ମିଥ୍ୟାର ତାମସୀ ମଞ୍ଜୁବୁଣେ; ପବିତ୍ର ସୁନ୍ଦରତା ମଧ୍ୟରୁ ପ୍ରତି ଗନ୍ଧ ଛୁଟେ' । ଏପରି ଏକ ଘଟଣା ମୋ ଜୀବନରେ ଘଟିଥିଲା; ଯେଉଁଥିରେ ମୁଁ ଏତେ ହତୋତ୍ସାହ ଏବଂ ଅପଦସ୍ଥ ମନେ କଲି, ଯାହା ମତେ ଆତ୍ମହତ୍ୟା କରିବାକୁ ପ୍ରଣେନିତ କରୁଥାଏ । ଠିକ୍ ସେହି ସମୟରେ ମୋ ପାଖରେ ହଠାତ୍ ପହଞ୍ଚିଲେ ମୋର ଶିକ୍ଷକ ଶ୍ରୀ ହରିଶ୍ଚନ୍ଦ୍ର ପାଣି । ପ୍ରାୟତଃ ସମସ୍ତ ସାଙ୍ଗ-ସାଥି, ବଂଧୁ-ମିତ୍ର ମୋ ଠାରୁ ଯଥେଷ୍ଟ ଦୂରତାରେ ରହି ମୋ ସଂପର୍କରେ ବିଭିନ୍ନ ନକରାତ୍ମକ ଟିପ୍ପଣୀ ଦେଉଥାନ୍ତି । ସେ ମତେ ଘରୁ ଏକ ଜରୁରୀ କାର୍ଯ୍ୟର ବାହାନା କରି ମତେ ବେତନଟି ଡାକିଦେଲେ । ସେଠାରେ ମତେ ଘଟଣା ସଂପର୍କରେ ସଂକ୍ଷିପ୍ତ ବିବରଣୀ ଶୁଣି ଏପରି ସାନ୍ତନା ଦେଲେ, ଯେଉଁଥିରେ ମୁଁ କିଛି ମାତ୍ରାରେ ଆଶ୍ୱସ୍ତ ହେଲି ଏବଂ ନିଜକୁ ଘଟଣା ସହ ମୁକାବିଲା କରିବା ପାଇଁ ଆତ୍ମବଳ ସଂଗ୍ରହ କଲି । ମତେ ମହାଭାରତ ଯୁଦ୍ଧର ଅର୍ଜୁନ ଭୂମିକାରେ ରଖୁ ନିଜେ ଶ୍ରୀକୃଷ୍ଣ ଭାବେ ଯେଉଁ ଉତ୍ସାହ ଦେଲେ ସେଥିରେ ମୁଁ ପୁନଶ୍ଚ ମୋ ହୃତ ସମ୍ମାନକୁ ଫେରିପାଇବାର ଯଥେଷ୍ଟ ମନୋବଳ ଉଜ୍ଜୀବିତ ହେଲା । ମୁଁ ସାରଙ୍କୁ ମୋର କୃତଜ୍ଞତା ଜଣାଇ ଏହି ବିପଦରୁ ରକ୍ଷା କରିବା ପାଇଁ ନିବେଦନ କଲି । ସେ ମତେ 'ମା' ଜୈବ, କହି ତତ୍କାଳୀନ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସାକ୍ଷାତ୍ କରି ମୋତେ ପୁନଶ୍ଚ ସେହି କଲ୍ୟାଣପୁର ହାଇସ୍କୁଲ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହେବାର ଆଦେଶ ନାମାଟିଏ ତତ୍କାଳୀନ ପ୍ରଧାନ ଶିକ୍ଷକଙ୍କୁ ପାଖକୁ ପଠାଇଦେଲେ । ସେହିଦିନ ଠାରୁ ମୁଁ ସେହି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହୋଇ ମୋର କର୍ତ୍ତବ୍ୟକୁ ଯଥା ସମ୍ଭବ ପରିଚାଳନା କଲି; ଏବଂ ପରବର୍ତ୍ତୀ ସମୟରେ ମୁଁ ସାହୁପଡା ଉଚ୍ଚ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନ ଶିକ୍ଷକର ମାନ୍ୟତା ପାଇ ଅବସର ଗ୍ରହଣ କଲି ।

ସେହି ସାର, ଶ୍ରୀ ହରିଶ୍ଚନ୍ଦ୍ର ପାଣି, ସାହୁପଡା ବିଦ୍ୟାଳୟର ପ୍ରଧାନଶିକ୍ଷକ ଥିଲେ । ଯେଉଁ ବିଦ୍ୟାଳୟରେ ମୁଁ ଅକିଞ୍ଚନ ବିଜ୍ଞାନ ବିଷୟରେ ଏକ ଦୁର୍ବଳ ଛାତ୍ର ଥିଲି। ସମଗ୍ର ବାଲେଶ୍ୱର ଜିଲ୍ଲା କେବଳ ଜଣେ ଆଦର୍ଶ ବିଜ୍ଞାନ ଶିକ୍ଷକ ତଥା ଜଣେ କର୍ମଠ ଏବଂ ଉପଯୁକ୍ତ ପ୍ରଧାନ ଶିକ୍ଷକ ଭାବେ ମାନ୍ୟତା ପାଉଥିଲେ । ଶ୍ରେଣୀ କକ୍ଷରେ ବିଜ୍ଞାନ ଶିକ୍ଷାଦାନ ସମୟରେ ସେ ଯେତେ ସରଳ ଓ ବିଷୟ ଗତ ସ୍ୱଚ୍ଛଳ ଶିକ୍ଷକ, କାର୍ଯ୍ୟାଳୟରେ ସେ ତତୋଽଧିକ କଠୋର ଶିକ୍ଷା ପ୍ରଶାଶକ । ବିଦ୍ୟାଳୟ ପରିଚାଳନା ସମିତି, ଅଭିଭାବକ, ସହକର୍ମୀ ଏବଂ ସର୍ବୋପରି ଛାତ୍ରଛାତ୍ରୀ ମାନଙ୍କ ପାଖରେ ବେଶ୍ ଆଦୃତ ଥିଲେ । ଅବଶ୍ୟ ପରବର୍ତ୍ତୀ ସମୟରେ ସରକାର ବିଦ୍ୟାଳୟ ପରିଦର୍ଶକ ଭାବେ ତାଙ୍କୁ ଅବସ୍ଥାପିତ କରିଥିଲେ । ସେହି ପଦବୀରେ ମଧ ସାର ନିଜର ମୌଳିକ ଆର୍ଦଶକୁ ପ୍ରମାଣିତ କରି ମଣ୍ଡଳ ସ୍ତରୀୟ ବିଜ୍ଞାନ ସେବା, ବିଦ୍ୟାଳୟ ସ୍ତରୀୟ, ବିଜ୍ଞାନ ଶିକ୍ଷକ ମାନଙ୍କ ଶିକ୍ଷାଦାନ ସଂପକୀୟ ଆଲୋଚନା ଚକ୍ର ଅନୁଷ୍ଠିତ କରି ଜଣେ ଆଦର୍ଶ ଶିକ୍ଷା ପ୍ରଶାସକ ଓ ପରିଦର୍ଶକ ଭାବେ ପରିଚିତ ହୋଇସାରିଥିଲେ ।

ମୋ ଛାତ୍ର ସମୟରୁ ମୁଁ ସାରଙ୍କ ପାଖରେ ସର୍ବଦା ଜଣେ ଅଧମ, ଅକିଞ୍ଚନ ଛାତ୍ର ଭାବେ ନିଜକୁ ଗୌଣ୍ୟ ମନେ କରୁଥାଏ । କିନ୍ତୁ ସାରଙ୍କ ସ୍ନେହ, ଶ୍ରଦ୍ଧା ଏବଂ ସମୟୋଚିତ ପ୍ରେରଣାରୁ ସାରଙ୍କ ନିକଟବର୍ତ୍ତୀ ହୋଇପାରିଥିଲି । ମୋ ପାଇଁ କଠିନ ବିଜ୍ଞାନ ବିଷୟ ଗୁଡିକ ସାରଙ୍କ ଯୋଗୁଁ ସମୟକ୍ରମେ ସରଳ ହୋଇପାରିଥିଲା। ଏପରି ଅନେକ ଘଟଣା ସାରଙ୍କ ସହ ମୋର ଘନିଷ୍ଠ ଅନ୍ତରିକତାରେ ପରିଣତ ହୋଇପାରିଥିଲା । କଲେଜରେ ପଢିବା ବେଳେ ସାରଙ୍କ ସମୟୋଚିତ ପ୍ରେରଣା, ସାହାଯ୍ୟ ସହଯୋଗ ମୋ ଜୀବନକୁ ଏକ ନୂଆ ମୋଡରେ ପରିଚାଳିତ କରିଥିଲା, ଫଳରେ ମୁଁ ଶିକ୍ଷକଟିଏ ହେବାର ନିଷ୍ପତ୍ତି ନେଇ ସାହୁପଡା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଭାବେ ଯୋଗ ଦେଇ ମୋର କର୍ମମୟ ଜୀବନକୁ ଅତିବାହିତ କଲି । ସେଇ ଶିକ୍ଷକ ଜୀବନରେ ମଧ ପ୍ରତି ସମୟରେ ପାଣି ସାରଙ୍କ ସାହାଚାର୍ଯ୍ୟ ପାଇଥିଲି। ଜୀବିକା ସହ ସାଧାରଣ ଜୀବନ ଯାପନରେ ବି ସାରଙ୍କ ସଦୟ ଉପସ୍ଥିତ ମୋତେ ଅବିସ୍ମରଣୀୟ ଭାବେ ଅନୁପ୍ରେରିତ ଓ ଉତ୍ସାହିତ କରିଆସିଛି ।

ଆଜି ସାର୍ ନାହାନ୍ତି, ତାଙ୍କ ଶ୍ରାଦ୍ଧ ଅବସରରେ ସାରଙ୍କ ସ୍ମୃତି ଚାରଣ ମୋର ଏକ ଧୃଷ୍ଟତା ନିଶ୍ଚୟ । ସାରଙ୍କ ଶହ ଶହ ଛାତ୍ର ସହକର୍ମୀ ଏବଂ ବଂଧୁବର୍ଗ ନିଶ୍ଚୟ ସାରଙ୍କ ସର୍ବକାଳୀନ ଅନୁପସ୍ଥିତିକୁ ଉପଲବ୍ଧ କରୁଥିବେ ।



ଏହି ଶ୍ରାଦ୍ଧ ଅବସରରେ ମୋର ହୃଦବୋଧ ହେଉଛି ଯେ ଯଦି ଈଶ୍ୱର ଥାନ୍ତି ତେବେ ସେ ହେଉଛନ୍ତି ବାପା-ମା ଏବଂ ଶିକ୍ଷକ ହିଁ ଜୀବନ୍ତ ଈଶ୍ୱର । ତେଣୁ ସେଇ ଶିକ୍ଷକ (ଗୁରୁ)ଙ୍କ ପାଇଁ ମୋର ସର୍ବଦା ଅନନ୍ତ କୋଟି ପ୍ରଣାମ ନିବେଦନ, କରୁଛି ସାର ଆପଣଙ୍କ ସତ୍ତା ଯେଉଁଠି ଆଇନା କାହିଁକି, ଏହି ଦୀନ ଅକିଞ୍ଚନକୁ କୃପା ଅମୃତ ପରେ ଚାହିଁଥାଅ, ପୁନଶ୍ଚ ଆପଣଙ୍କୁ ଶତ ଶତ ପ୍ରଣାମ ପୂର୍ବକ ସହ ନିବେଦନ କରୁଛି - 'ଗୁରୁବେ ନମଃ" ।

+ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ସାହୁପଡି ଉଚ୍ଚ ବିଦ୍ୟାଳୟ
ବାଲେଶ୍ୱର




## ଭାରତ ରତ୍ନ...

### ସୁଧାକର ସେଠୀ

ଆଖିରେ ଆଖିଏ ସପନ
ଦାମ୍ଭିକ ଭରା ଗୀର
ଭାରତ ମାଆର ଯୋଗ୍ୟ ଦାୟଦ
ନବ ଭାରତର ସୂତ୍ରଧର।

କେମିତି ଭୁଲିବ ଏ ଜାତି
ଦେଶ ପ୍ରଗତି ଥିଲା
କରମେ ଲେଖା
ପୋଖରାନର ସେଦିନ ଗର୍ଜନ
ଇତିହାସ ତା ଓଲଟେ ପୃଷ୍ଠା।

ସ୍ୱର୍ଣ୍ଣ ଚତୁର୍ଭୁଜ ପ୍ରଗତି ପଥେ
ସଂକୀର୍ଣ୍ଣତା ହଟିଲା
ଦେଶର ବୁକେ
ମହାନଗରର ମହା ମିଳନ
ଗାଏ ଜୟଗାନ ସୁବର୍ଣ୍ଣ ଦିନ।

ସତ୍ୟ ନିଷ୍ଠାର ପୂଜାରୀ
ପ୍ରଚଣ୍ଡ ରାଷ୍ଟ୍ରଭକ୍ତ
କଥାରେ କାମରେ
ଥିଲା ସମତା
ସମର୍ପଣ ଥିଲା
ଯାହାର ଜୀବନ ମନ୍ତ୍ର।

ନିର୍ଭୀକ ପଣେ
ସାରା ବିଶ୍ୱ ଜାଣେ
ମୁଖିଆ ଦାୟିତ୍ୱ ନିଭାଇଲ ଏମିତି
ଶତ୍ରୁର ଛାତି ଥରଇ ସମରେ
କାରଗିଲରୁ ହୁଏ ଯେବେ ତୋପ ବୃଷ୍ଟି।

ହୃଦୟର ଭାଷା ଅନବଦ୍ୟ ସୃଷ୍ଟି
କ୍ୱିତାର ଛନ୍ଦେ ଜିଣ ମୁଲକ
ବିଶ୍ୱ ବନ୍ଧୁତ୍ୱ ଭାବରେ ମଗନ
ଶାନ୍ତି କପୋତ ଗାଏ ଜଗତ।

ଜାତିସଂଘରେ ଉଡାଇ ପତାକା
ଦେଶର ଗାରିମା ଦେଶ ଗୌରବ
ବାଗ୍ମୀତା ଆଗେ ନଇଁଯାଏ ମୁଣ୍ଡ
ହେ ଭାରତରତ୍ନ ଶତ ପ୍ରଣାମ।

କୃଷି କୃଷକ ବୀର ସୈନିକ
ବିଜ୍ଞାନର ଶୁଭେ ଜୟକାର
ଚାନ୍ଦିପୁରର କ୍ଷେପଣାସ୍ତ୍ର ପରୀକ୍ଷା
ଏ ଜାତି ଟାଣେ ଅଲିଭା ଗାର।

+ଜମ୍ୟେଶ୍ୱରପୁର, ବାଲେଶ୍ୱର

## ନିର୍ବାଚନ ପର୍ବ

### ମାନସ ରଞ୍ଜନ ନାୟକ

ପୂରୁ ବା ନପୂରୁ ଉଦର ଚାଖଣ୍ଡେ, ସରେନା ପରବ ମନା
ଜୀବନ ହାଟରେ କିଣାବିକା ଚାଲେ, ବଞ୍ଚିବାର ଦାନାକନା।
ବାପ ଗୋସାପଙ୍କ ପୁନେଇଁ ପରବ,ପାଲଟେ ସ୍ମୃତି ନିଆରା
ଅଜସ୍ର ଉତ୍ସାହ ଉନ୍ମେଷେ ଭିଜା, କିବା ନିର୍ବାଚନ ଫୁଆରା !
ସନା ମଳିକ'ର ବଦଳିଛି ଭେକ, ମିଳିଛି ପକ୍କା ଆବାସ
ବେପାରୀ କାଲୁ ହିସାବ ବୁଝିଛି, କରେ ଜିନ୍ଦାବାଦ ପ୍ରୟାସ।
ଗାଁ ଅପନ୍ତରା, ଗଳିମୁଣ୍ଡ ପାଟ, ରାତାରାତି ହୁଏ ନିର୍ମଳ
ରଙ୍ଗମଖା ପରେ ଫଳକରେ ଲେଖା, ସ୍ୱଚ୍ଛ ମୋ ଗାଁ ପରିମଳ।
ଯୋଜନ ଦୂର ଯୋଜନା ଯାକ, ନେତାଙ୍କ ଭାଷଣରେ ହାଜର
ମଥାନତ ଜୁହାର ସାଙ୍ଗକୁ, କିଣା କରତାଳିରେ ପ୍ରଚାର।
ରଜ ପରବଠୁ ବଳିପଡେ ପୁଣି ମାଉଁସ ଭାତର ଭୋଜି
ଗଡ ଜୟ ପାଇଁ ପଙ୍ଗତରେ ବସି ମେଳି ଅମେଳିଙ୍କ ବାଜି।
ଶୋଭାଯାତ୍ରା ନେଇ ପତାକା ହଲାଇ, ଗାଁ ଟୋକା ହେଲେ ମାତାଲ୍
ହାତଗୁଞ୍ଜା ସାଥେ ନାଲି ପାଣି ନିଶା, ମିଛ ସବୁ ହାଲଚାଲ୍।
ପରବ ପୂର୍ବରୁ ମୌସୁମୀ ପ୍ରାୟ, ଭାବି ନେତାଙ୍କ ଆଗମନ
ନ ମାଗି ବି ମିଳେ ପ୍ରୀତି ଭାଇଚାରା, ସତ ମହାର୍ଘ ସପନ !
ରାଣ ପ୍ରତିଶୃତି ଗୁଞ୍ଜରିତ ହୁଏ, କଟାଯାଏ କେତେ ନାଲିଫିତା
ଉତ୍ସବ ମୁଖର ଗାଁ ଛକ ଦାଣ୍ଡ ,ନାଚେ କିବା ବାଡବତା !
ପ୍ରସ୍ତୁତି ପରବ ଉଚ୍ଚାଟ ବାଜାରେ, ନରନାରୀ ଆହ୍ଲାଦିତ
ସାମଗ୍ରୀକତାର ଏ ମହା ମିଳନେ, ପରବ କି ଅନୁପାତ ?
ଗଣତନ୍ତ୍ରର ମହାପର୍ବ ସିନା ସ୍ୱଚ୍ଛ ନିରପେକ୍ଷ ନିର୍ବାଚନ
ମତଦାତା ଯେବେ ବିକ୍ରୀ ହୁଏ ଏଠି, ନୁହଁ କି ଏ ପ୍ରହସନ ?
ପ୍ରଗତି ନାରାରେ ଦୁର୍ଗତିର ଦୁର୍ଗ, ଗଢେ ଏ ମିଛ ପ୍ରଚାର
ନିର୍ବାଚନ ପର୍ବ ସଫଳ ହୋଇବ, ହେଜିଲେ ସମ୍ୟକ ବିଚାର।

+ମଞ୍ଜୁରି ରୋଡ୍, ଭଦ୍ରକ-୭୫୬୧୨୧
ଧ୍ୱନି- ୯୮୯୦୮୫୧୪୨୭

## ଶୁଭ ବଡ଼ଦିନ

### ତୃପ୍ତି ରାଣୀ ପାତ୍ର

ସ୍ମୃତିର ଝଲକେ ଆଙ୍କୁଥିଲା ଦିବ୍ୟସତ୍ତା
ଦୁଇ ହଜାର ତେଇଶି ପୂର୍ବ ସତ୍ୟ କଥା
ସେହିଦିନ ଶୀତ ରାତିର କାହାଣୀ ଗାଥା
ପୁଲକିତ ପ୍ରାଣେ ନଇଁ ଯାଉଥିଲା ମଥା ।

କେତେ ନିଷ୍ପାପ ନିରିମାୟ ସେ ପିତାମାତା
ଜନ ଗଣନାର ପାଇଁ ଯାଉଥିଲେ ଯିହୁଦା
ସେସମୟେ ମରିୟମ ଥିଲେ ଅନ୍ତଃସତା
ଜନ୍ମପାଇଁ ତାଙ୍କ ନମିଳିଲା ସ୍ଥାନ ସଦା ।

ଜନ ସମାରୋହ ମଧ୍ୟେ ଜନ୍ମିଥିଲେ ରାଜା
ଗୋରୁ ଗୁହାଳର କୁଣ୍ଡେ ଶୋଇଥିଲେ ସଦା
ଆଶ୍ଚର୍ଯ୍ୟ ପରାକ୍ରାନ୍ତ ଈଶ୍ୱର ତ୍ରାଣକର୍ତ୍ତା
ପାପୁଉଦ୍ଧାରିବା ପାଇଁ ନରରୂପେ ଉଭା ।

ତାଙ୍କ କୋମଳ ପରାଣ କହୁଥାଏ କଥା
ସମୟ ମିଳିଲେ ସମାଧିସ୍ଥ କରିଦେବା
ନିଜର ସମସ୍ତ ଅକୁହା ସେ ଦୁର୍ବଳତା
ଅସମାହିତ ପ୍ରଶ୍ନୋତ୍ତୋର ନିଷ୍ପେ ପାଇବା ।

ଶୈଶବରୁ ତାଙ୍କ ଅଲୌକିକ ଶକ୍ତି ଯଥା
ଅନ୍ଧକୁ ନୟନ ବଧିରେ ଶ୍ରବଣ ଦାତା
ମୂକକୁ କହିବା ମୃତକୁ ଜୀବନ ଦେବା
ଅଠତ୍ରିଶ ବର୍ଷ ପକ୍ଷାଘାତୀ ସୁସ୍ଥ ଲଭିଲା ।

କେତେ ମହାଶ୍ଚର୍ଯ୍ୟ ପୁଣ୍ୟ କର୍ମଧର୍ମ ସେବା
ସାଧନ କରିଲେ ସଂସାରରେ ରହି ଯାହା
ତହୁଁ ତାଙ୍କ ବିରୋଧରେ ଲାଗିଗଲେ ଆହା
କ୍ରୁଶବିଦ୍ଧେ ଲଭିଲେ କଷଣ ନିର୍ଯାତନା ।

ତଥାପି କ୍ରୁଶେ ରହି ନିବେଦିଲେ ହେ ପିତା
ଏମାନେ କ'ଣ କରନ୍ତି ଜାଣନ୍ତିନି ଯାହା
କ୍ଷମ ଏମାନଙ୍କୁ ଆହେ ମୋ ସ୍ୱର୍ଗସ୍ଥ ପିତା
ଈଶ୍ୱର ତୁମ୍ଭଇଚ୍ଛା ସଫଳ ହେଉ ସଦା ।

ପ୍ରତି ଆବିଳ ହୃଦୟେ ଦିଅବାରେ ଦେଖା
ଅନ୍ତଃ ଆତ୍ମା ସମର୍ପଣ ଭାବ ରଖି ସଦା
ସତ୍ପଥେ ବଞ୍ଚିରହି ଚଳିବା ଯୀଶୁ ରାଜା
ଭରିଦିଅ ଯୀଶୁ ସେପରି ହୃଦୟ ଆତ୍ମା ।

ତେବେ ସାର୍ଥକ ହେବ ଏ ବଡ଼ଦିନ ବାର୍ତ୍ତା
ଜଗତ ଜାଣିବ ତୁମେ ଅଦ୍ୱିତୀୟ ତ୍ରାଣକର୍ତ୍ତା ।

ସହଦେବଖୁଣ୍ଟା, ବାଲେଶ୍ୱର

## ଦେଖି ପାରିଲେ ଦିଶେ

### ରତ୍ନାକର ରାଉତ



ମଣିଷ ଭଳି ଦେଖାଯାଉଥିବା ଜୀବମାନେ
କଣ ମଣିଷ ?
ଚେହେରାରୁ କଣ ଜାଣିହୁଏ କିଏ ମଣିଷ,
କିଏ ଅମଣିଷ ?
ଯିଏ ମଣିଷ ଭଳି ଦିଶୁଛି ସେ ମଣିଷ
ହୋଇଥାଇ ପାରେ, ନ ହୋଇଥାଇ
ପାରେ ।

ପଶୁ ତ' ଦିଶନ୍ତି ପଶୁଭଳି,
ସାପ, ସାପ ଭଳି,
ହିଂସ୍ର ଜନ୍ତୁମାନେ ଦିଶନ୍ତି ହିଂସ୍ରଆଖିକୁ ।
ଆଉ ମଣିଷ ! !
ଉପରକୁ ଶାନ୍ତ, ସୁଧାର, ସରଳ
ଓ ଭଦ୍ର ଦେଖାଯାଉଥିବା ମଣିଷ ଭିତରେ
ରାଜତ୍ୱ କରୁଥାଏ ଗୋଟେ ହିଂସ୍ର ପଶୁ
ଅବା ବିଷଧର ସାପ ।

କିନ୍ତୁ ମଣିଷ ଖୋଳପା ଭିତରେ ଆଉ
ଗୋଟେ ମଣିଷ ଥାଏ ।
ଭଲରେ ମନ୍ଦରେ ଆକଟ କରେ
ଭୁଲ କଲେ ପଶ୍ଚାତାପ କରେ
ସୁଧାରି ନେବାକୁ ସତର୍କ କରେ
କାହାର ହାନି ଲାଭରେ
ମୁଣ୍ଡ ପୂରେଇବାକୁ ବାରଣ କରେ ।

ସେ କୃତକର୍ମ ପାଇଁ ଭିତରେ ଭିତରେ
ସଢୁଥାଏ ।
ନିଜକୁ ସୁଧାରିବାକୁ ପଣକରେ ଥରକୁ ଥର,
ପଶୁତ୍ୱଠାରୁ ଦୂରେଇ ରହିଥାଏ ସେ ।
କେବଳ ସତର୍କ କରେ ନୁହେଁ,
ପଥ ଓଗାଳେ, ସାବଧାନ କରେ ।

ମାତ୍ର ସବୁବେଳେ କଣ
ସେ ଭିତରର ମଣିଷ ଏସବୁ କରିପାରେ ?
ବେଳେବେଳେ ଅନିଚ୍ଛା ସତ୍ୱେ ଆପଣେଇ ନିଏ
ମଣିଷରୂପୀର ଦୌରାତ୍ମ୍ୟ,
ତାର ସକଳ କପଟାଚାର ।
ତାପରେ ଦେଖୁ ଦେଖୁ ମଣିଷଟେ ପଶୁ
ପାଲଟିଯାଏ,
ମନୁଷ୍ୟତ୍ୱର ମୃତ୍ୟୁ ହୁଏ
ହୁତ୍ ହୁତ୍ ଜଳୁଥିବା ନିଆଁର ଧାସରେ
ବ୍ୟକ୍ତିତ୍ୱର ଆହୁତି ବଢ଼ାଯାଏ ।

କେତେବାର ମରଣ ସଂଗଠିତ ହୁଏ
ମଣିଷ ଭିତରେ
ଜାଣିଲେ ନିଜକୁ ଆଶ୍ଚର୍ଯ୍ୟ ଲାଗେ ।

ଯିଏ ସେ ନିଆଁରେ ପୋତି ଉତୁରି ଆସେ
ସେ ଶୁଦ୍ଧ ସୁବର୍ଣ୍ଣ ପରି ଝଟକେ ।
ଆଉ ଯିଏ ପୋଡ଼ିଯାଏ,
ସେ ଜୀଅନ୍ତା ଅଙ୍ଗାର ପାଲଟେ
ଜୀଉଁ ଜୀଉଁ ।
ଅନ୍ୟକୁ ପୋଡ଼େ, ଜାଳେ,
ସଂସାରକୁ କନ୍ଦାଏ, ଯନ୍ତ୍ରଣା ଦିଏ ।
ନିଜେ ନିଜ ଭିତରେ ଗୁମୁରି ଗୁମୁରି
ବାହୁନେ,
ଅନବରତ ନିଜକୁ ଖୋଜେ ।

ଏସବୁ ଖେଳ ଅନବରତ ଏଠି ଚାଲିଥାଏ ।
ଦେଖି ପାରିଲେ ଦିଶେ, ନଦେଖି ପାରିଲେ
ସବୁ ପରଳ ଘେରା ଆଖିରେ
ଅସ୍ପଷ୍ଟ ଦିଶିଲା ପରି
ଆସ୍ତେ ଆସ୍ତେ ଦେହସୁହା ହୋଇଯାଏ ।
ସାହାସ ବାଂଧି ସହି ନେବାକୁ ସକଳ ପୀଡ଼ା
ଓ ଯନ୍ତ୍ରଣା ସଂସାରରେ କୁହାଯାଏ
ସଫଳତା ।

ଶୃଙ୍ଖଳା କାଠଗଣ୍ଡିରେ କଣ ଜୀବନ ଥାଏ,
ନା ମଣିଷ ରୂପୀ ଚେହେରା ଧାରୀ କଣ
ସବୁବେଳେ ମଣିଷ ହୋଇଥାଏ ?

♥ ଭୁବନେଶ୍ୱର

## ଅସାମାଜିକ

### ପ୍ରିୟନାଥ ପାଣି



ତୋ ଆଖିରୁ ସ୍ୱପ୍ନ
ଛଡାଇ ନେଉଥିବା ମଣିଷମାନେ
ସବୁଠି ସାଲୁବାଲୁ
ଆପଣା ସ୍ୱାର୍ଥରେ ।
ତୋ ପାଟିରୁ କଥା
ଛଡାଇ ନେଉଥିବା
ମଣିଷମାନେ ସବୁଠି କୁହାଳିଆ
ସବୁଠି ସନ୍ଦେହୀ
ତୋ ନାଁରେ ମିଛ ସତ
ବନେଇବାରେ ।

ତୋ ସ୍ୱପ୍ନ ସବୁଠି ଚୂରମାର
ସେମାନେ କିନ୍ତୁ ସ୍ୱପ୍ନଭୁକ୍
ସବୁଠି ତୋ କଳା କାରନାମାର ମନ୍ତ୍ରପାଠ
ସେମାନେ କିନ୍ତୁ ଛଦ୍ମବେଶୀ
ଖୁବ୍ ଯତ୍ନଶୀଳ
କାଳେ ସତ୍ୟନିଷ୍ଠ
ତୋ ମଥାରେ ଅଠା ବୋଳିବାକୁ ।

ତୁ ସଉଦା ହେଇଯାଉ
ଧଳାହାତୀର ଇଛାରେ
ତୋ କାନ୍ଧରେ ସବାର ହୁଏ ବନ୍ଧୁକ
ସେମାନେ ପରା ଅସଲ ଶିକାରୀ
ରାତି ପାହିଲେ ସକାଳ ଖବରରେ
ତୋ ଛବି ଚର୍ଚ୍ଚାରେ
ହାଟରେ ବାଟରେ ।

ସେମାନେ ସବୁ ଗୋପନୀୟ ନିରୁଦ୍ଦିଷ୍ଟ
ତୁ ଯାହା ଅହରହ ଆଇନ୍ ଆଖିରେ
ଘୋଷିତ ପଳାତକ
ଅତ୍ୟାବଶ୍ୟକ ତୁ
ତୋତେ ଧରିଦେଲେ
ମାଳ ମାଳ ଇନାମ ପ୍ରସ୍ତୁତ ।

ଗଳେ ପାଣିରେ ଠିଆ ହୋଇ
ସତ କହିଦେ
କାହା ପାଇଁ ତୁ ଅସାମାଜିକ
ନଗ୍ନ ପରିସ୍ଥିତିର ଦାସ ତୁ
ନିଶାରେ ଧୋଇଦେଉ
ମନର ଯନ୍ତ୍ରଣା
ନୁଖୁରା ସମାଜ ଆଖିରେ
ତୁ ଅସାମାଜିକ
ହେଲେ ମୋ ଆଖିରେ ତୁ
ବିଲକୁଲ ଭଦ୍ରଲୋକ ।

♥ କଦଳିଆ, ବୈଶିଙ୍ଗା, ମୟୂରଭଞ୍ଜ
ମୋ-୯୯୩୭୧୨୫୧୫୧



## କଥା ତ ଅନେକ ଅଛି

### ଶ୍ରୀ ସତ୍ୟବ୍ରତ ସାହୁ

କଥା ତ ଅନେକ ଅଛି ପଚାରିବା ପାଇଁ
କିଛି ଏବେ କିଛି ତୁମ ଅତୀତକୁ ନେଇ ।

କାହାକୁବା ତମେ କେବେ ଦେଇଥିଲ ମନ
ଦଗାଦିଆ ଭାଙ୍ଗିଦେଲା ସୁଖର ସପନ
ଅବା କିଏ ବିଶ୍ୱାସରେ ମିଶାଇ ଦେଇଛି ବିଷ
ଭୁଲିବାକୁ ଚାହିଁଲେ ବି ଭୁଲି ହେଉନାହିଁ ।

ମୁଁ ତ ଏକ ଉଡ଼ା ପକ୍ଷୀ ଆଚିହ୍ନା ଆକାଶେ
ମୋତେ କି ରଖିବ ବାନ୍ଧି ପ୍ରୀତିର ପରଶେ
ଯଦି କିଛି ନକହିବ ଅତୀତକୁ ଭୁଲିଯିବ
ଭାବି ନେବି ଆମେ ଦୁହେଁ ଦୁହିଁଙ୍କର ପାଇଁ ।

♥ ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
ମୋ- ୮୯୧୭୨୭୩୫୪୫

## ଶିଶିର

### ଅନସୂୟା ପଣ୍ଡା



ଜୀବନର କୋଡପତ୍ରରେ ଘୁମୋଉଥାନ୍ତି
କିଛି ଅନୁତାପ ଅବସୋସର ମୂହୁର୍ତ୍ତମାନେ
ଆଖିର ଲୁହ ବୁନ୍ଦାକୁ ଶିଶିର ଭାବି
ତନୁ ଖୋଜୁଥାଏ କମ୍ପନ ଗୋଲାପି ମନରେ
ସିକ୍ତ ଦୂର୍ବାଦଳ ବତୁରୁଥାଏ ସାରା ରାତି
ନିଃସହାୟ ଜାଡର ଅବଗାହନରେ ।

ଛନ୍ଦହୀନ ଆଶ୍ୱାସନାର ମଖମଲି କମଳ
ବନ୍ଦୀ କରିନିଏ ଶିଶିରମୟୀ ଶୀତକୁ
ବିଳାସର ଛାତିରେ ଥୁରୁଥୁରୁ ସ୍ପନ୍ଦନ ହେଇ
ଉକୁଟି ଉଠେ ନୀଳ ସ୍ୱପ୍ନବିଭୋର ରାତି
ଫୁଟପାଥର ବେଞ୍ଚ ଉପରେ
ଲଢେଇ କରୁଥାଏ
ଛିଣ୍ଡା କମଳରେ ହରେଇଦେବାକୁ ଶୀତକୁ ।

ଶିଶିରସ୍ନାତା ଧାନ କେଣ୍ଡାରେ
ଉତୁରି ଉଠିଥିବା
ବିସ୍ତୀର୍ଣ୍ଣ ଅଭିମାନକୁ ଖଣ୍ଡ ଖଣ୍ଡ କରିଦିଏ
ଅଦିନ ଲଘୁଚାପ ଅହଂକାରରେ
ନିରବିଯାଏ ଦିନ କେଇଟାରେ
ଅବସରହୀନ ମାଟିମଗ୍ନ ରଇତ
ପଲ୍ଲୀ ଜୀବନରେ ।

ସୁସୁ ଗର୍ଜନ କରି ଦଂଶିଦିଏ
ଉତ୍ତରା ବିଶ୍ୱାସ
ନିବିଡ ବନ୍ଧନରେ କୁଣ୍ଢେଇ ଧରି
ମୁଣ୍ଡ ଉପରେ ଝୁଲୁଥିବା ଆକାଶ ଛିଣ୍ଡିପଡେ
କିଛି ବି ଅସମ୍ଭବ ନୁହେଁ ମାଟି ମଞ୍ଚରେ
ଅସନ୍ତୋଷର ଅନ୍ତର୍ଦହନରେ
ହାହାକାର କରି କୋରି ହୋଇଯାଏ ଛାତି ।

ଅବଗୁଣ୍ଠନ ତଳେ କାତର ପଣକୁ ନେଇ
ଶୋଇଯାଏ ସ୍ୱପ୍ନ ସବୁ ଉଜୁଡା ପଣରେ
ଉପେକ୍ଷା ତୁଠରେ ପଙ୍କଜିନୀ ଚାଲିଯାଏ
ଶିଶିର ବୁନ୍ଦାରେ ଢେଉଢେଉ ଆଶା ଗିଳି
ସନ୍ଧି କରେ ପ୍ରକୃତି ସହ ଅନୁସୂଚନାରେ ।

ଶତଚେଷ୍ଟା ପରେ ବି
ଶୀତାର୍ତ୍ତ ଜୀବନ ମାନଚିତ୍ରକୁ
ଆକାର ଦେଇ ହୁଏନି
ସେ ସବୁ ସମୟକୁ ନଥିରୁ ହଟେଇ ।

ଜୀବନ ଅନୁତାପର ଉମେଇଁରେ ଦିକ୍ ଦିକ୍
ଜଳୁଥାଏ
ଜରତୀ ଶୀତର ପଣତ ତଳେ
ଚୁପ୍ ହେବାର ନାଁ ଧରେନି
ଅବସୋସର ଲୁହଲହୁ ଝରୁଥାଏ କ୍ଷେତରୁ
ଆଖିତଳେ କଳାଦାଗ ମାଡେ
ବୟସ ଆଗରୁ ।

♥ ବୁର୍ଲା, ସମ୍ବଲପୁର-୭୬୮୦୧୮
ମୋ:-୯୪୩୯୨୧୧୯୭୧

## ରାଗର ରାଗିଣୀ ସଙ୍ଗୀତ

### ଶ୍ରୀ କାଳୀଚରଣ ମିଶ୍ର



ରାଗର ରାଗିଣୀ ସଙ୍ଗୀତ
ସୁରର ସୁରଭି ସଙ୍ଗୀତ
ଯାହାକୁ ମୁଁ ଭଲପାଏ
ଯା ପ୍ରେମ ଫାଶର କୁହୁକ ପରଶେ
ମତେ ସିଏ ବାନ୍ଧିଦିଏ...

କେବେ ସିଏ ଆସେ ବସନ୍ତ ରାଗରେ
ପ୍ରୀତିର ପସରା ନେଇ
ମେଘ ମହ୍ଲାରର ମଧୁର ଛନ୍ଦରେ
ନୀଳ ବାଦଲ ନଚେଇ
ସବୁ ସମୟରେ ସବୁ ଚେତନାରେ
ମନ ସିଏ ହରିନିଏ.... ।

କବିର ସାଉଁଟା ଭାବନା ଫୁଲକୁ
କଳାକାର ପ୍ରାଣ ଦେଇ
ବାଦ୍ୟଯନ୍ତ୍ର ତାଳ ମଧୁର ଧ୍ୱନିରେ
ଅମୃତ ବିନ୍ଦୁ ଝରାଇ
ରସତାଳ ଭରା ସପ୍ତମ ସୁରରେ
ଶ୍ରୋତାଙ୍କୁ ଝୁମେଇ ଦିଏ ।

♥ ଅତିରିକ୍ତ ଆଇନ୍ ପରାମର୍ଶଦାତା
ସି.ବି.ଆଇ
ମୃତ୍ୟୁଞ୍ଜୟ ନିବାସ, ପ୍ଲଟ ନଂ - ୬୭/
୩୫୨/୮୪୩
ଦିବ୍ୟବିହାର, ସାମନ୍ତରାପୁର,
ଭୁବନେଶ୍ୱର - ୭୫୧୦୦୨
ମୋ : ୭୮୭୩୭୭୮୮୪୭

## ଗଣତନ୍ତ୍ର

### ଆଦ୍ୟାଶା ମହାପାତ୍ର

ସମ୍ବିଧାନର ଗୋଳି ପାଣିକୁ ଘାଣ୍ଟିଲେ ଯାଇ କେତେକ ଲୋକ
ବେନି ନୟନେ ଦେଖିବେ ତାକୁ ଯାହାର ପାଇଁ ଲାଗିଛି ନାଟ
ଦରାଣ୍ଡି ଯେତେ ପାଇଲେ ନାହିଁ ଗଣତନ୍ତ୍ରର ରୂପ କି ଭେକ
ପରିଶ୍ରମଟା ହୋଇଲା ବୃଥା ପେଟରେ ପୁଣି ପୁରୁଣା ଭୋକ ।

ପାଇଲେ ଏକ ଆଶା କଳସୀ ସତେକି ଅବା ମେଣ୍ଟିବ ଶୋଷ
ଦେଖିଲେ ଝାଙ୍କି ଗଣତନ୍ତ୍ର ହିଁ ଲୁଚିଛି ସେଠି, ବଢିଲା ରୋଷ
ଯୋଗାଡ କଲେ ସମସ୍ତେ ମିଶି ହିଂସା ବିଦ୍ରୋହ ଟୁକୁଡା ଖଣ୍ଡ
ଫିଙ୍ଗିଲେ ଯେଣୁ ଆସିଲା ପାଶେ ସତେ ସେ କାହିଁ ପାଇବ ଦଣ୍ଡ ?

ସାମ୍ନାରେ ପାଇ କଳହ ଲାଗେ କାହାର ଭାଗ ସବୁଠୁ ବେଶୀ
ଗଣତନ୍ତ୍ରକୁ କରିବା ଭାଗ କହିଲା ସେଠି ଜଣେ ମଧ୍ୟସ୍ଥି
ଧର୍ମ ନିକିତି ଧରି ବସିଲା ସମାନ ଭାବେ ବାଣ୍ଟିବ ବୋଲି
ଫାଇଦା ନେଲା ସବୁ ଭାଗରୁ ଚାଲାଖ ପଣେ ମେଣ୍ଟାଇ କଳି ।

କୂଟ କପଟେ ଗଣତନ୍ତ୍ରକୁ ମୁହୂର୍ତ୍ତକରେ ଦେଲାଟି ଚାଟି
ଜନତା ଭାଗେ ପଡ଼ିଲା ଶେଷେ ଖାଇବା ପର ଅଇଁଠା କିଛି
ପାଞ୍ଚ ବର୍ଷରେ ଏମିତି ଥରେ ନେତା ଆସନ୍ତି ମଧ୍ୟସ୍ଥ ସାଜି
ମିଠା ବଚନ କହି ଲୋକଙ୍କୁ ଫାଇଦା ନେଇ ଯାଆନ୍ତି ହଜି ।

ଗଣତନ୍ତ୍ରକୁ ମାଜିଲେ ସଦା ମଇଳା ଲାଗେ ଜନତା ହାତେ
ରାଜତନ୍ତ୍ର ବା ସ୍ୱେଚ୍ଛାଚାରୀର ପ୍ରତିଛବିଟେ ସେ ପରା ସତେ !

ନୂଆପଡା, କଟକ

## ଶୀତୁଆ ସକାଳ ସୂଚେଇ ଦେଲା

### ସୁବ୍ରତ ଦାସ



ମଗୁଶୁର ମାସ ଗଲା
ପଉଷ ମାସ ଆସିଲା ।
ସୁଲୁସୁଲୁ ବାଆ ବହିଲା
ଶୀତର ପ୍ରକୋପ ବଢିଲା ।
ଥୁରୁଥୁରୁ ଦେହ ଥରିଲା
ଗୋଡ଼ ହାତ ସବୁ କାଲୁଆ ହେଲା ।
କାଠୁଆ ଜାଡ ମାଡ଼ି ଆସିଲା
ଶୀତ ବସନ ଦେହ ଘୋଡ଼ିଲା
ଶୀତଳ ଜଳ ବରଫ ହେଲା
ସକାଳ ସୁରୁଜ ଦେହେ ନ ବାଜିଲା
ଉଷୁମ ସେକକୁ ମନ ବଳିଲା
ନିଆଁ ପୋଇଁ ଚୁଲି ମୁଣ୍ଡେ ବସିଲା ।
ଶୀତୁଆ ସକାଳ ସୁଚେଇ ଦେଲା
ସମୟ ନ ଜଗିଲେ ସବୁ ପଛେଇ ଗଲା ।

♥ ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ:୯୪୩୭୭୩୧୯୦୩

## ତୁ ଗଲାପରେ

### ରମାକାନ୍ତ ଦାସ



ତୁ ଗଲାପରେ
ଆଜି ବି ମୁଁ ତୋ ପାଇଁ
ସଜାଏ ମୋ ସ୍ୱପ୍ନର ନଅରକୁ
ମୋ ସ୍ୱପ୍ନ ନଅରେ ପ୍ରେମଦୀପ ଜାଳି
ମୁଁ ଚାହିଁରହେ ତୋ ବାଟକୁ
ମୋ ସ୍ୱପ୍ନର ଅଙ୍କାବଙ୍କା ଗଳିରେ
ମୁଁ ତତେ ଖୋଜୁଥାଏ ପ୍ରତିମୁହୂର୍ତ୍ତରେ
ଠିକ୍ ଗୋଟେ ପାଗଳ ଚାତକ ପରି ।

ତୁ କି ବୁଝିବୁ,
ମୋ ପ୍ରେମର ମୁଲ
ଥୁଣ୍ଟା ବରଗଛଟିଏ ପରି ଆଜି ବି ମୁଁ ନିରୁତ୍ତର

ତୋ ଅନୁପସ୍ଥିତି ମତେ ବାରମ୍ବାର ଜଳାଏ
ମୋ ସ୍ମୃତି କେବେ ହସାଏ କେବେ କନ୍ଦାଏ
ତୋ ଭାବନା ମତେ ଛଳନା ଫାଶରେ
ବାନ୍ଧିଦିଏ
ନା ତତେ ପାଇପାରେ ନା ତତେ
ଭୁଲିପାରେ
ମୋ ସ୍ୱପ୍ନର ଗହଣା ଆଖିରେ ସଜେଇ
ମୁଁ ଆଜି ବି ରୁହେ ତୋ ଅପେକ୍ଷାରେ ।

♥ ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ- ୯୬୬୮୮୧୫୩୬୯



## ଡାଏରୀର ଶେଷପୃଷ୍ଠା

### ଉମେଶ ଚନ୍ଦ୍ର ଯେନା

ଡାଏରୀର ପ୍ରଥମ ପୃଷ୍ଠାକୁ
ମୁଁ ଖରାବେଳେ ଲେଖିଛି
ମୋର ଆରମ୍ଭଟା ହିଁ ଅତୀତ
ଅତୀତ ତ ମୋର ବର୍ତ୍ତମାନ
ଭବିଷ୍ୟତ ଗୋଟେ ପ୍ରଶ୍ନ
ତାର ଉତ୍ତର ଜାଣିନି, ଲେଖିବି କଣ ?

କେବେ କେବେ ପ୍ରଥମ ପୃଷ୍ଠାକୁ ପଢିଲେ
ମୁରୁକି ହସେ ମୋ ଅକୁହା ଶବ୍ଦ ସବୁ
ଦୁଇ ଭାଗ ହେଇଗଲେ ।

ଡାଏରୀକୁ ପଢ଼ି ପଢ଼ି
ତାର ମଝି ପୃଷ୍ଠାକୁ ଗଲେ
ଚିରି ଜାଳି ଦେବାକୁ ଇଛାହୁଏ
ପୁଣି ନିଜେ ଜଳି ଯିବାକୁ ଇଛାହୁଏ
ଇଛାହୁଏ ଗୋଡ଼ ହାତ ଚତାରୀ
ମଦୁଆଙ୍କ ପରି
ଶୋଇ ରହି ବାକୁ ବରଗଛ ମୂଳେ ।

ଜାଣି ପାରିଲିନି
ଶେଷ ପୃଷ୍ଠାରେ ହିଁ ସନ୍ଧ୍ୟା ହୁଏ
ବର୍ତ୍ତମାନ ସବୁ ପୁଣି ଅତୀତ ହେଇଯାଏ
ଡାଏରୀକୁ ଧରିଲେ ହାତ ଥରୁଛି
କାହାର ଆଶ୍ରା ନେବାକୁ ପଡୁଛି
ଜାଣେ ଏମିତିରେ
ମୋର ବ୍ୟକ୍ତିତ୍ୱଟା ଥଙ୍ଗା ବଜାରରେ
ନିଲାମ ହେଇ ସାରିଛି ।

କେବଳ ବାକି ଅଛି ଡାଏରୀର ଶେଷ ପୃଷ୍ଠା
କଣ ଲେଖିବି ?
ଇତି ନା ଆରମ୍ଭ, ନା ତିଥି, ନା ବାର
ନା ସମୟ, ନା ଆଉ କିଛି ?

♥ କଲ୍ୟାଣ ପୁର, ବିଞ୍ଝାରପୁର, ଯାଜପୁର
ମୋ: ୯୯୩୮୩୧୬୭୩୨

## ଶୀତର ଶାୟରୀ

### ବିନୀତା ପ୍ରଧାନ



ପରସ୍ତ ପରସ୍ତ କୁହୁଡ଼ି କାନ୍ଥରେ
ସୋରିଷ କ୍ଷେତର ଦୋଳି
ଘାସ ପତରରେ ସଜାଇ ହୋଇଛି
କାକରର କାଚ ମାଳି ।

ମଗୁଶିର ଶେଷେ ହିମ କାକରର
ରାଜୁତି ଯାଇଛି ବଢି
ହେମାଳିଆ ବାଆ ମଞ୍ଜ ଥରାଉଛି
କୁହୁଡ଼ି ଆସୁଚି ମାଡ଼ି ।

ଗେରୁଆ ରଙ୍ଗର ଗେଣ୍ଡୁ ଫୁଲ ସାଥେ
ଶୋହେ ଚୁନା ଚୁନା କଳି
ଥିରି ଥିରି ପାଦେ ଅଗଣାକୁ ମୋର
ଶୀତ ଆସି କରେ ଅଳି ।

ଶୀତ ଆସିଅଛି ମିତ ବସିବାକୁ
ଲାଜର ଓଢଣା ଟାଣି
ମଗୁଶିର ଏବେ ଧରା ଦେଉନାହିଁ
ପଉଷ ତା ନିଜ ଘଣି ।

ବିଲମାଳ ଏବେ ଖୁସିରେ ପିନ୍ଧିଛି
ହଳଦୀ ରଙ୍ଗର ପାଟ
ବଗିଚା ସାରା ମୋ ଶୀତରେ ଭିଜୁଛି
ବସିଚି ଫୁଲର ହାଟ ।

ଶିଉଳି ଫୁଲ ବି ତୁଠରେ ଗାଉଛି
ପାହାନ୍ତି ଶୀତର ଗୀତ
ଗଙ୍ଗ ଶିଉଳିର ଝରା ପାଖୁଡ଼ାରେ
ସୋରି ସୋରି ସାତ ଶୀତ ।

♥ ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା
ମନ୍ଦିର, ବଇଣ୍ଡା, ଅନୁଗୋଳ

## ବିଦାୟୀ ବରଷ

### ଶରତ ଚନ୍ଦ୍ର ଜାଲି



ବିଦାୟୀ ବରଷ ବିଦାୟ ନେଉଛି
ଆଖିରେ ଆଖିଏ ଲୁହ
କାହାକୁ କହିବ ବିଧିର ବିଧାନ
ଶୁଖିଯାଇଛି ତା ମୁହଁ ।

ଆସିଥିଲା ଦିନେ ଆଶାଦିଶା ନେଇ
ସୁନେଲି ସପନ ମାଖି
କିଛି ଆଶା ତାର ପୂରଣ ହୋଇଛି
କିଛି ରହିଗଲା ବାକି ।

ବାକି ଯାହା ସବୁ ରହିଗଲା ମନେ
ତାକୁ ଧରି ଯିବ ଫେରି
ସମୟ ଏମିତି ଚଳଚଞ୍ଚଳ ଯେ
କ୍ଷଣେ କରୁନି ସେ ଡେରି ।

ଭାବୁଛି ତା ସ୍ମୃତି ବିସ୍ମୃତି ଫର୍ଦ୍ଦରୁ
କେରାଏ କେରାଏ କଥା
ହସଲୁହ ଫେଣ୍ଟା ଘଟଣାରାଜି ତା
ସତେ ବୁଢିଆଣୀ ସୂତା ।

କେତେ ଛନ୍ଦାଛନ୍ଦି କେତେ ବନ୍ଧାବନ୍ଧି
କେତେ ରୋମାଞ୍ଚକମୟ
କେତେ ଦୁଃଖ, ଶୋକ, ଯାତନା ପେଡି ତା
ଖୋଲିଦେଲେ ଲାଗେ ଭୟ ।

କାହାକୁ ମାରିଛି କାହାକୁ ତାରିଛି
କାହାକୁ ଦେଇଛି ଶାସ୍ତି
କାହାର ସୌଭାଗ୍ୟେ ଦୁର୍ଭାଗ୍ୟ ଛୁଇଁଛି
କାହାକୁ ଦେଇଛି ଶାନ୍ତି ।

ହିସାବନିକାସ କରିବ ଯଦି ସେ
ବେଳତ ପାଇବ ନାହିଁ
କାଳଗର୍ଭେ ଲୀନ ହୋଇଯାଏ ଶୂନ୍ୟ
ଅତୀତର ପଥ ଚାହିଁ ।

ମୋର ଦୋଷ କେହି ଧରିବ ନାହିଁଟି
ମୁଁ ତ କରିଗଲି କର୍ମ
କର୍ତ୍ତବ୍ୟରେ ଦିନେ ହେଳା କରିନାହିଁ
ଜାଣେନା ଧର୍ମ ଅଧର୍ମ ।

ଏତିକି ଜାଣିଛି ଗଲାବେଳେ କହେ
ଦୁଃଖ ପରେ ଆସେ ସୁଖ
ଦେଖ ଆସୁଅଛି ନୂତନ ସକାଳ
ହସୁଛି ଭାଗ୍ୟ ଜାତକ ।

♥ ଶିକ୍ଷକ, ନୋଡାଲ ଉଚ୍ଚ
ବିଦ୍ୟାଳୟ, କୋଦଳା, ଗଂଜାମ
ମୋ-୮୨୪୯୫୩୪୨୭୪

# ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା




ପୁରୀ , ୨୬/୧୨ (ନି.ପ୍ର): ଅଭିନନ୍ଦନ ସାପ୍ତାହିକ ଖବରକାଗଜର ୧୫ ତମ ସ୍ୱନକ୍ଷତ୍ର ଦିବସ ଓ ପ୍ରତିଭା ସମ୍ମାନ ୨୦୨୩ ଅବସରରେ ବୃକ୍ଷରୋପଣ ଓ ପରିବେଶ ସଚେତନତା ସହ ବହୁ ସଂଖ୍ୟାରେ ରକ୍ତଦାନ ଶିବିର ଯୋଗାଡ କରି ବାଲେଶ୍ୱର ପାଇଁ ଗୌରବ ଆଣି ଦେଇଥିବା ବସ୍ତା ବ୍ଲକ୍ ଅନ୍ତର୍ଗତ କୁଡିଆ ପଞ୍ଚାୟତ ପେଗରପଡ଼ା ଗ୍ରାମର ସ୍ୱର୍ଗତ ସୁରେନ୍ଦ୍ର ନାଥ ଜେନା ଓ ବାସନ୍ତୀ ଜେନାଙ୍କ ସୁପୁତ୍ର ସମାଜସେବୀ ତଥା ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନାଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଶ୍ରୀକ୍ଷେତ୍ର ଧାମ ପୁରୀ ସଂସ୍କୃତି ଭବନରେ ପ୍ରକୃତିର ସଂରକ୍ଷଣ ଓ ପରିବେଶ ସୁରକ୍ଷା ପାଇଁ ଅଭିନନ୍ଦନ ପରିବାର ପକ୍ଷରୁ ' ପ୍ରକୃତି ମିତ୍ର ' ସମ୍ମାନରେ ସମ୍ମାନିତ କରା ଯାଇଛି ଓ ଏହି ଅବସରରେ ଅୟୋଜିତ ସଭାରେ ମଞ୍ଚର ସଭାପତି ନୀଳଗିରି ମହିଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼. ପ୍ରଦୀପ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଡ଼. କୈଳାଶ ଚନ୍ଦ୍ର ଟିକାୟତରାୟ ଓ ମୁଖ୍ୟବକ୍ତା ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ଼. ଦେବାଶିଷ ପାତ୍ର ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଲାଙ୍ଗୀର ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧକ୍ଷ ପ୍ରଫେସର ଡାକ୍ତର ରାମକୃଷ୍ଣ ପାଣିଗ୍ରାହୀ,'ନବୀନ' ଓ ଓଡ଼ିଶା ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ସମ୍ପାଦକ ଶ୍ରୀଯୁକ୍ତ ରବି ରଥ, ଆଦର୍ଶ ଶିକ୍ଷକ ଓ ସୁ ସାହିତ୍ୟିକ ଶ୍ରୀଯୁକ୍ତ ମଧୁସୂଦନ ମିଶ୍ର, ବରିଷ୍ଠ ଆଇନଜୀବି ଶ୍ରୀଯୁକ୍ତ ଅରବିନ୍ଦ ବାରିକ୍, ଅଭିନନ୍ଦନର ସମ୍ପାଦକ ଇଂ ଜଗଦୀଶ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ ।

ସଭାରେ ବହୁତ୍ ବିଶିଷ୍ଟ ସାହିତ୍ୟିକ, କବି, ଶିକ୍ଷାବିତ୍, ସମାଜସେବୀ ତଥା ସାମ୍ବାଦିକ ଯୋଗଦାନ କରିଥିଲେ ଓ ଶ୍ରୀଯୁକ୍ତ ଜେନାଙ୍କୁ ଏପରି ମର୍ଯ୍ୟାଦା ଜନକ ପୁରସ୍କାର ଶ୍ରୀକ୍ଷେତ୍ରରୁ ମିଳିଥିବା ଖବର ପାଇ ଅଞ୍ଚଳର ବୁଦ୍ଧିଜିବୀ, ସାହିତ୍ୟିକ ତଥା ଶୁଭେଚ୍ଛୁ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ସୁସ୍ଥ ନିରାମୟ ଜୀବନ କାମନା କରିଛନ୍ତି ।

# ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୯ତମ ଜନ୍ମ ଜୟନ୍ତୀରେ ଗରିବ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ

ନୀଳଗିରି , ୨୬/୧୨ (ନି.ପ୍ର): ଭାରତର ବିଶିଷ୍ଟ ଜନନେତା ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୯ତମ ଜନ୍ମ ଜୟନ୍ତୀ ସାରା ଦେଶ ପାଳନ କରୁଛି । ଏହି ଅବସରରେ ନୀଳଗିରି ଏନଏସି ୩ ନଂ ଓ ୪ନଂ ୱାର୍ଡ ମିରିଗିଣୀ ଠାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଓ ବିଧାୟକ ଇଂ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ନୀଳଗିରି ବିଜେପି ପକ୍ଷରୁ ଗରିବ, ଅସହାୟ ଓ ମହିଳା ମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା । ଏହି ଅବସରରେ ପୂର୍ବାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଫଟୋ ଚିତ୍ରରେ ସାଂସଦ, ବିଧାୟକ ଓ ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ସାଂସଦ ଓ ବିଧାୟକ ବାଜପେୟୀଙ୍କ



ଜୀବନୀ ଓ ତାଙ୍କ କାର୍ଯ୍ୟ କରିବାର ଦକ୍ଷତା ସହିତ ବିକାଶ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ । ରାଷ୍ଟ୍ର ପ୍ରତି ସମର୍ପିତ ଏହି ମହାନ୍ ଆତ୍ମାଙ୍କ ପ୍ରତି ଶ୍ରଦ୍ଧା ସୁମନ ପରେ ଉକ୍ତ ଅଞ୍ଚଳର ପ୍ରାୟ ୪ଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲ୍ଲା ବିଜେପି ଉପସଭାପତି ଗଙ୍ଗାଧର ମିଶ୍ର, ଭଦ୍ରକ ସଂସଦୀୟ କ୍ଷେତ୍ର ପ୍ରଭାରୀ ଚନ୍ଦ୍ରଶେଖର ନନ୍ଦ, ସରୋଜ ମିଶ୍ର, ରାମଚନ୍ଦ୍ର ଦଳେଇ, ଗଙ୍ଗା ସିଂ, ଜୟଦେବ ମୁଦୁଲି, ବୁଦ୍ଧଦେବ ସରକାର, କ୍ଷେତ୍ରମୋହନ ସିଂ, ଗଣନାଥ ପରିଚ୍ଛା, ମୂଷା ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଦୁଇ ଦିନିଆ ଦିବାରାତ୍ର ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ



ନୀଳଗିରି, ୨୬/୧୨ (ନି.ପ୍ର): ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ସାତଖାଲିଆ ଖେଳପଡିଆରେ ସିଂ ବ୍ରଦର୍ସ ଆଥଲେଟିକ କ୍ଲବ ଆନୁକୂଲ୍ୟରେ ଦୁଇ ଦିବସୀୟ ଦିବାରାତ୍ର ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।ଉଦ୍ଘାଟନି ଉତ୍ସବରେ ନୀଳଗିରି ରାଣୀ ମନୋଜା ମଞ୍ଜରୀ ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ, ସମାନ୍ନିତ ଅତିଥି ଭାବରେ ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ, ମହିଷାପଟା ସରପଞ୍ଚ ରବିନ୍ଦ୍ର ସିଂ ପ୍ରମୁଖ ଯୋଗ ଦେଇଥିଲେ ।ଏହି ପ୍ରତିଯୋଗିତା ରାଜ୍ୟ ତଥା ରାଜ୍ୟ ବାହାରର ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଛନ୍ତି । ପ୍ରଥମ ଦିନରେ ମୋଟ ୮ ଟି ଦଳ ନିଜର ଖେଳ ପ୍ରଦର୍ଶନ କରିଥିବା ବେଳେ ଏସଟିୱାଇ ଜଗନ୍ନାଥପୁର ସବୁ ଦଳକୁ ପଛରେ ପକାଇ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ବରିଷ୍ଠ ବିଜେଡି ଉପସଭାପତି ସନ୍ତୋଷ ଖଟୁଆ, ମୁଖ୍ୟ ବକ୍ତା ଭାବେ ଢେଙ୍କାନାଳର ପୂର୍ବତନ ଜିଲ୍ଲାପାଳ ସରୋଜ ସେଠୀ, ନୀଳଗିରି କ୍ଷୁଦ୍ର ଜଳସେଚନ ବିଭାଗର ମୁଖ୍ୟ ନିମାଇ ଚରଣ ନାୟକ, ପୂର୍ବତନ ଏବିଓ ରବିନାରାୟଣ ପରିଡା, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ମଦନ ମୋହନ ମାଝୀ,ଯୁବ ନେତା ଫ୍ରାନସିସ ବେକନ ସ,ନରଣପୁର ସରପଞ୍ଚ ଦୀପ୍ତିରାଣୀ ସିଂ ,ଗରଡି ସରପଞ୍ଚ ସିବାଜୀ ସିଂ ପ୍ରମୁଖ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । ବିଜେତା ଦଳକୁ ୧ ଲକ୍ଷ ଓ ଉପବିଜେତା ଦଳକୁ ୭୦ ହଜାର , ଦୁଇ ସେମିଫାଇନାଲିଷ୍ଟଙ୍କୁ ୨୫ ହଜାର ଲେଖାଁଏ ଅର୍ଥ ରାଶି ସାଙ୍ଗକୁ ଟ୍ରଫି ପ୍ରଦାନ କରାଯିବାର ସୂଚୀ ରହିଥିବା ବେଳେ । ସିଂ ବ୍ରଦର୍ସ ଆଥଲେଟିକ କ୍ଲବର ସଭାପତି ପ୍ରଶାନ୍ତ କୁମାର ସିଂ, ସଂପାଦକ ଟଗୁଲୁ ସିଂ, ସୁରେନ୍ଦ୍ର ସିଂ,ଲକ୍ଷ୍ମୀଧର ସିଂ, ଟନ ସିଂ, ରମାକାନ୍ତସିଂ, କମଳାକାନ୍ତ ସିଂ, କାହ୍ନୁ ସିଂ, କାଳୀଚରଣ ସିଂ, ବାପି ସିଂ, ଚିନ୍ମୟ ସିଂ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

# ଶୃଙ୍ଖଳାବୋଧ ଓ ସଂସ୍କାରପୂର୍ଣ୍ଣ ଶିକ୍ଷା ହିଁ ସମାଜକୁ ପରିବର୍ତ୍ତନ କରିପାରେ




ବାଲିଆପାଳ , ୨୬/୧୨ (ନି.ପ୍ର): ସ୍ଥାନୀୟସୀତାନାଥ ସ୍ମାରକୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ଦଶମ ବାର୍ଷିକ ଉତ୍ସବ ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି । ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ମାନବିକ ମୂଲ୍ୟବୋଧ ଶିକ୍ଷା ଉପରେ ଗୁରୁତ୍ୱ ଦିଅ ଯିବାର ଆବଶ୍ୟକତା ରହିଅଛି । ଶିକ୍ଷା ବ୍ୟବସ୍ଥା ରେ ଶୃଙ୍ଖଳା ବୋଧ ଓ ସଂସ୍କାର ପୂର୍ଣ୍ଣ ଶିକ୍ଷା ହିଁ ଜୀବନରେ ସଫଳତା ଆଣିଦେଇ ଥାଏ ବୋଲି ମୁଖ୍ୟ ଅତିଥି ଉତ୍କଳ ଶିକ୍ଷା ପରିଷଦ, ଓଡିଶା, ଭୁବନେଶ୍ୱର ର ସମ୍ପାଦକ ଯୋଗେନ୍ଦ୍ର ଦାଶ କହିଥିଲେ । ପ୍ରାରମ୍ଭ ରେ ଜଗତର ନାଥ ଜଗନ୍ନାଥ, ଭାରତ ମାତା, ସ୍ୱାମୀ ବିବେକାନନ୍ଦ, ସଦାନନ୍ଦଜୀ, ସୀତାନାଥ ଜେନା ଙ୍କ ଫୋଟୋ ଚିତ୍ର ରେ ମାଲ୍ୟର୍ପଣ ଅତିଥି ମାନେ କରିଥିଲେ । ସ ଭାପତି ଦିଲ୍ଲୀପ ସିଂହ ଙ୍କ ପୌରହିତ୍ୟ ରେ ମୁଖ୍ୟ ବକ୍ତା ଭାବେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ଓ ବିଶିଷ୍ଟ କବି କାଳିପଡ ପଣ୍ଡା ଓ ପରିଷଦ ସଦସ୍ୟ ସୁରଜ ବାରିକ,ସି.ଆର, ସି ସି ଅତୁଲ କୁମାର ସାହୁ ସମ୍ମାନ୍ନିତ ଅତିଥି ଭାବେ ଅନୁଷ୍ଠାନ ର ସମ୍ପାଦକ ଜ୍ୟୋତି ପ୍ରକାଶ ଜେନା ପ୍ରମୁଖ ଯୋଗ ଦେଇ ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ । ଗୁରୁମା ମାନସୀ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ଗୁରୁଜୀ ଦେବ ବ୍ରତ ବିଶ୍ୱାଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ପରିଡା ବାର୍ଷିକ ବିବରଣୀ ପାଠ କରିଥିଲେ । ଗୁରଜୀ ସମୀର ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ବିଭାଗ ରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ପିଲାମାନଙ୍କ ଦ୍ୱାରା ନାଚ, ଗୀତ, ଏକକ ଅଭିନୟ, ଶିଶୁ ଗୀତ, ବ୍ୟାୟାମ ଉପରେ ସୁନ୍ଦର କାର୍ଯ୍ୟକ୍ରମ ମାନ ପାରିବେଷିତ ହୋଇଥିଲା । ଏହି କାର୍ଯ୍ୟକ୍ରମ କୁ ସମସ୍ତ ଗୁରୁଜୀ ଗୁରୁମା ଓ ପରିଚାଳନା ସମିତି ର ସଦସ୍ୟ ମାନେ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।

# ପୁରୀରେ ଅଲିଭରିଡଲେ ମଡକ

ପୁରୀ/ଭୁବନେଶ୍ୱର, ୨୬/୧୨ (ନି.ପ୍ର): ବ୍ରହ୍ମଗିରି ବେଳାଭୂମିରେ ଅଲିଭରିଡଲେ ମଡକ । ବାଲିହରଚଣ୍ଡି ବେଳାଭୂମିରେ ମଲା କଇଁଛ ଲାଗିବାର ଦେଖିବାକୁ ମିଳିଛି । କଇଁଛଙ୍କ ପ୍ରଜନନ ଋତୁ ଲାଗି ନଭେମ୍ବରରୁ ମେ ମାସ ପର୍ଯ୍ୟନ୍ତ ସମୁଦ୍ରର କୂଳରେ ମାଛ ମାରିବା ଉପରେ ରୋକ୍‌ଲାଗିଛି । କିନ୍ତୁ ନିୟମକୁ ମାନୁ ନାହାନ୍ତି ମତ୍ସ୍ୟଜୀବୀ । ପ୍ରଶାସନ ଠିକ୍ ଭାବେ ପାଟ୍ରୋଲିଂ କରୁନାହାନ୍ତି । ବ୍ରହ୍ମଗିରି ରେଞ୍ଜର ବାଲିହରଚଣ୍ଡି ବେଳାଭୂମିରେ ଏକାଧିକ ମୃତ ଅଲିଭରିଡଲେ ପଡିଥିବା ଦେଖି ଅସନ୍ତୋଷ ପ୍ରକାଶ କରିଛନ୍ତି ପରିବେଶବିତ୍ ।

# ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ପାଳିତ



ଜଳେଶ୍ୱର , ୨୬/୧୨ (ନି.ପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେପି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୯ତମ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି । ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ଯୁବନେତା ଦିବ୍ୟକାମ ମହାନ୍ତି ତତ୍ତ୍ୱାବଧାନରେ ଜଳେଶ୍ୱର କାର୍ଯ୍ୟାଳୟ ଠାରେ ଶ୍ରୀ ବାଜପେୟୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଛି । ବିଭିନ୍ନ ଗ୍ରାମପଂଚାୟତରେ ସୁଶାସନ ଦିବସ ପାଳନ କାରାଯାଉଥିବା ବେଳେ ଏବର କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଜନକଲ୍ୟାଣକାରୀ ଯୋଜନା ଗୁଡିକ ଶ୍ରୀ ବାଜପେୟୀଙ୍କ ନିସୃତ ବୋଲି ଉପସ୍ଥିତ ବକ୍ତାମାନେ କହିଥିଲେ । ଖୁଲୁଡା ପଂଚାୟତ ପ୍ରମୁଖ ହରେନ୍ଦ୍ର ବେହେରା, ଆରୁହା ପଂଚାୟତ ପ୍ରମୁଖ ରବିନ୍ଦ୍ର ଦତ୍ତ, ଅଲାଲପୁର ସଭାପତି ସତୀଶ ପରିଡା, ମଣ୍ଡଳ ସଭାପତି ମନୋଜ ସାସମଲ, ପ୍ରତାପ ସେନାପତି, ପ୍ରଣବ ପଣ୍ଡା, ସଂଜୀବ ରାଉତ, ସତ୍ୟବାନ ଚନ୍ଦ, ବିଦ୍ୟାଧର ବେହେରା, ସତ୍ୟ ବେହେରା, ତରୁଣ ଦାସ, ନାଥୁରାମ ଅଣ୍ଡିଆ, ଚନ୍ଦ ଜେନା ପ୍ରମୁଖ ଯୋଗ ଦେଇ ଶ୍ରୀ ବାଜପେୟୀଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ବକ୍ତବ୍ୟ ରଖିଥିଲେ ।

# ବରିଷ୍ଠ ସାମ୍ବାଦିକଙ୍କୁ 'ପ୍ରଜ୍ଞାପ୍ରାଣ' ସମ୍ମାନରେ ସମ୍ମାନିତ

ବେତନଟୀ, ୨୬/୧୨ (ନି.ପ୍ର): ଶ୍ରୀ ସର୍ବେଶ୍ୱର ମହାନ୍ତ ଜଣେ ସୁସାମ୍ବାଦିକ ଓ ସମାଜସେବୀ ଅଟନ୍ତି । ସେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ସହିତ ଜଡିତ ଅଛନ୍ତି । ଓଡିଆ ଲେଖକ ଲେଖିକା ପରିଷଦ ବେତନଟୀ,କୈବଲ୍ୟ ସାହିତ୍ୟ ସଂସଦ କଟକ,ପୂଜ୍ୟପୂଜା ବାରିପଦା,ବାର୍ତ୍ତା ସାହିତ୍ୟ ପରିଷଦ,ସନାତନ ଆଧ୍ୟାତ୍ମିକ ସାହିତ୍ୟ,ଅନୁବାଦ ସାହିତ୍ୟ କୁଟୀର,ଗୀତାଞ୍ଜଳୀ ସାହିତ୍ୟ, ଅନୁଭୂତି ସାହିତ୍ୟ, ଆମ ଗାଁ ସାହିତ୍ୟ କାନନ, ଆମ ଯୁଗ ଜିନ୍ଦାବାଦ ସାହିତ୍ୟ, ଆମ ସାହିତ୍ୟ ପରିବାର ଯାଜପୁର, ଉତ୍କଳ ସେବା ଧର୍ମ ପରିଷଦ, ଓଡିଶା ଭାଷା ବିଭବ ପରିଷଦ, ଓଡିଶା ସାହିତ୍ୟ ପରିଷଦ, ଓଡିଶା ସାହିତ୍ୟ ଦରବାର, କୋଇଲି ବୈକୁଣ୍ଠ ସାହିତ୍ୟ ପରିଷଦ କଟକ, ଗଳ୍ପ ପ୍ରବନ୍ଧର ସରହର ପରିବାର କଟକ, ନିଖିଳ ଉତ୍କଳ ବିଶ୍ୱଶାନ୍ତି, ପରଜାପତି ଶିଶୁ ସାହିତ୍ୟ ସଂସଦ,ପରିବର୍ତ୍ତନ ସାହିତ୍ୟ ଘର, ମା କଟକ ଚଣ୍ଡୀ କଳା ପରିଷଦ, ମା ବିରାଜ ବିଭୂତି ସାହିତ୍ୟ ପରିଷଦ, ବ୍ୟାସକବି ସାହିତ୍ୟ ସଂସଦ,ମୋ ଭାଷା ମୋ କଥା, ରାଜା ବାସୁଦେବ ସାରସ୍ୱତ ସାହିତ୍ୟ ପରିବାର,ଅଚ୍ୟୁତ ସାରସ୍ୱତ ପରିଷଦ ନେମାଳ,ସବୁଜିମାର ସ୍ୱର ପରିବାର, ସ୍ୱପ୍ନ ମହଲ ଶିଶୁ ପରିଷଦ କଟକ, ବାଣୀପୀଠ ବଡସାହି,ମୟୂର ସାହିତ୍ୟ ସଂସଦ ବେତନଟୀ, କଳ୍ପନା ସାହିତ୍ୟ ସାଂସ୍କୃତିକ ଓ ସାମାଜିକ ପରିଷଦ କଟକ ।ଏହିପରି ଭାବରେ ସେ ଅନେକ ଅନୁଷ୍ଠାନ ସହିତ ଜଡିତ ଅଛନ୍ତି । ସେ ଜଣେ ଲେଖକ ଅଟନ୍ତି । ତାଙ୍କର ପ୍ରକାଶିତ ପୁସ୍ତକ ଗୁଡିକ ହେଲା:-(୧)କୁର୍ମୀ ସମାଜର ଆଦ୍ୟ କଥା, (୨)ଆମ କଥା, (୩)କୁର୍ମୀ କ୍ଷତ୍ରିୟ ରାଜା କଳିଙ୍ଗରେ ଗଙ୍ଗ ବଂଶର ରାଜୁତି, (୪)କୁଡୁମୀ ବା କୁର୍ମୀ କ୍ଷତ୍ରିୟମାନଙ୍କର ପରମ୍ପରା ପରମ୍ପରା ରାଜା ବା ତେଲ-ସି-ହ-ରୀ, (୫)କୁଡୁମୀ ବା କୁର୍ମୀ ଜାତିର ବିବାହ ପଦ୍ଧତି, (୬)କୁର୍ମୀ କ୍ଷତ୍ରିୟ ଓ କୁଡୁମୀ ସମାଜର ସଂକ୍ଷିପ୍ତ ଇତିହାସ, (୭)ଶ୍ରୀକୃଷ୍ଣଙ୍କ ସଂକ୍ଷିପ୍ତ ଇତିହାସ, (୮)ମୟୂରଭଞ୍ଜର ସଂକ୍ଷିପ୍ତ ଇତିହାସ । ବୃତ୍ତିରେ ସେ ଜଣେ ଷ୍ଟାମ୍ପ ଭେଣ୍ଡର ଓ ଭଲ ଚାଷୀ ଏବଂ ସାରସ୍ୱତ ସାଧକ । କର୍ମବୀର ଗୌରୀଶଙ୍କର ଟାଉନ୍ ହଲ କଟକ ଠାରେ ଆୟୋଜିତ ୪୭ତମ ରାଜ୍ୟସ୍ତରୀୟ କବି-ଲେଖକ-କଳାକାର ସମାବେଶ,କବିତା ପାଠୋତ୍ସବରେ ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ ତରଫରୁ 'ରାଜ୍ୟସ୍ତରୀୟ ପ୍ରଜ୍ଞାପ୍ରାଣ ସମ୍ମାନ'ରେ ଶ୍ରୀ ସର୍ବେଶ୍ୱର ମହାନ୍ତ ଓ ତାଙ୍କ ସହଧର୍ମିଣୀ କବୟିତ୍ରୀ ସୁମତୀ ମହାନ୍ତଙ୍କୁ 'ରାଜ୍ୟସ୍ତରୀୟ ପ୍ରଜ୍ଞାମୟୀ ସମ୍ମାନ'ରେ ସମ୍ମାନିତ କରାଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ଡଃ ପ୍ରସନ୍ନ ପାଟ୍ଟଶାଣୀ, ମୁଖ୍ୟ ବକ୍ତା ଶ୍ରୀ ଦିଲ୍ଲୀପ ରାଉତରାୟ, ସଭାପତି ଆର୍ଯ୍ୟକବି ପଣ୍ଡିତ ଡଃ ପ୍ରମୋଦ କୁମାର ମିଶ୍ର ଓ ଅନ୍ୟାନ୍ୟ ଅତିଥିଗଣ ଉପସ୍ଥିତ ଥିଲେ ।

# ଜିଲ୍ଲା ବିଜେପିର ସୁଶାସନ ଦିବସ ପାଳିତ



ବାଲେଶ୍ୱର, ୨୬/୧୨ (ନି.ପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ଜନ୍ମଜୟନ୍ତୀ ଅବସରରେ ଆଜି ଜିଲ୍ଲା ବିଜେପି ପକ୍ଷରୁ ସୁଶାସନ ଦିବସ ପାଳନ ହୋଇଯାଇଛି, ଏହି ଅବସରରେ ଆଜି ସକାଳେ ସ୍ଥାନୀୟ ବସଷ୍ଟାଣ୍ଡ ଠାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ପରେ ଜିଲ୍ଲା କାର୍ଯ୍ୟାଳୟର ବୈଠକ ଗୃହରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ଉପସ୍ଥିତିରେ ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସ୍ୱର୍ଗତ ବାଜପେୟୀଙ୍କ ଫୋଟୋ ଚିତ୍ରରେ ପୁଷ୍ପ ପ୍ରଦାନ କରାଯାଇ ଥିଲା, ନିଜ ବକ୍ତବ୍ୟରେ ସଭାପତି ଶ୍ରୀଯୁକ୍ତ ମହାପାତ୍ର ବାଜପେୟୀଙ୍କ ଦେଶ ମାତୃକା ପ୍ରତି ଭଲପାଇବା ତଥା ତାଙ୍କ ନିଷ୍ଠା ଓ ତ୍ୟାଗ ବିଷୟରେ କହିଥିଲେ ପରବର୍ତୀ ସମୟରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ପୂର୍ବତନ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ, ଉପ ସଭାନେତ୍ରୀ କମଳା ବିନ୍ଧାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲ ଶୋଭନା ମହାନ୍ତି ଓ ଶୁଭଙ୍କର ମହାପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚା ନେତ୍ରୀ ସୁଷମା ରାଣୀ ବିଶ୍ୱାଳ, ଜିଲ୍ଲା ଉପସଭାନେତ୍ରୀ ମମତା ମହାପାତ୍ର, ମଧୁଶ୍ରୀ ପଣ୍ଡା ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ଯୁବମୋର୍ଚ୍ଚା ଉପସଭାପତି ନାରାୟଣ ମୋହନ୍ତ, ଜିଲ୍ଲା ସମ୍ପାଦକ ବିଜୟ ସାହୁ, ସମ୍ପାଦିକା ମହୁଆ ପ୍ରଧାନ, ସସ୍ମିତା ଚାନ୍ଦ, ଜିଲ୍ଲା ଏସସି ମୋର୍ଚ୍ଚା ସଭାପତି ମୃତ୍ୟୁଞ୍ଜୟ ଜେନା, ଜିଲ୍ଲା ଏସଟି ମୋର୍ଚ୍ଚା ସଭାପତି ବିପିନ ମାରାଣ୍ଡି, ନଗର ଉପସଭାପତି ସିଦ୍ଧେଶ୍ୱର ବିନ୍ଧାଣି, ପାର୍ବତୀ, କଳ୍ପଲତା ବେହେରା, ନୀଳମାଧବ ଦାସ, ସୁବାସ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ମର୍ମନ୍ତୁଦ ବାଇକ ଦୁର୍ଘଟଣାରେ ଜଣେ ମୃତ: ୩ ବିଶେଷ ଆଘାତପ୍ରାପ୍ତ

ଖୋର୍ଦ୍ଧା , ୨୬/୧୨ (ନି.ପ୍ର): ଖୋର୍ଦ୍ଧା ବ୍ଲକ କାଇପଦର ବାବା ସତ୍ୟପୀର ପିଠ ଅନତି ଦୂରରେ ଦୁଇଟି ବାଇକ ଦୁର୍ଘଟଣା ଘଟି ଯାଇଛି । ଏହି ଦୁଇଟି ବାଇକ ଏପରି ଦୁର୍ଘଟଣା ହୋଇଛି ସବୁ ଯାତ୍ରୀ ଅନତି ଦୂରରେ ଛିଟିକି ପଡ଼ି ଅଛନ୍ତି । ଏକ ବାଇକ ୩ ଜଣ ମୁସଲିମ ଯୁବକ ଖୋର୍ଦ୍ଧା ଆଡୁ ଏତେ ଯୋର ଯାଉ ଥିଲେ । ଅପର ପଟୁ କାଇପଦର ଗ୍ରାମରୁ ତିନି ହିନ୍ଦୁ ଯୁବକ ଖୋରଧା ମୌଶଛବ ଦେଖିବା ପାଇଁ ଦୃତ ଗତିରେ ଆସୁ ଥିଲେ । ଗାଡ଼ି ଦୁଇଟି ମୁଂହା ମୁହିଁ ଧକା ହୋଇ ଥିଲା ଜେ ୬ ଜଣ ଯୁବକ ଛିଟିକି ପଡ଼ିଥିଲେ । ଏଥି ମଧ୍ୟରୁ ୪ଜଣ ବେଶୀ ଆଘାତ ୨ ଜଣ ସିରିଅସ ଥିଲେ । ଖୋର୍ଦ୍ଧା ଡାକ୍ତର ଖାନା ଅଣା ଯିବାପରେ ଜଣେ ମୃତ ଓ ଜଣେ ଭୁବନେଶ୍ୱର କୁ ପଠା ଯାଇଥିଲା । ଆଉ ଅନ୍ୟକୁ ଚିକିତ୍ସା କରାଯାଉଛି । ମୃତ ଲୋକଟି ୩୩ବର୍ଷ ବାଲିପାଟଣା ବ୍ଲକର ସେ ,ତା ଭିଣୋଇ ଘରେ ରହି ଖଣି କାମ କରେ । ଆଉ ଜଣେ ହେଉଛି ସଙ୍କଟା ପର୍ଣ୍ଣ ପାହାଡ଼ ଶ୍ରମିକ ପୁଅ ।ଆମ ଜଣେ ଖୋର୍ଦ୍ଧା ଏକ କାଗଜ ସଂପାଦକ ପୁତୁରା । ପ୍ରକାଶ ଥାଉକୀ ଖୋର୍ଦ୍ଧା ସଦର ପୋଲିସ ରାସ୍ତା କଡ଼ରେ ଦଲାଇପୁଟ ଗ୍ରାମ ୧୬ନମ୍ବର ରାସ୍ତାକୁ ଲାଗି ମାତ୍ର ଗାଡ଼ି ଚାଳନା ଉପରେ କଣ ଦୃଷ୍ଟି ଦେବେ ।ସେ ତାଙ୍କ ପୋଲିସ ଭାଇ ବୃଦ୍ଧ ପିତା ,ମାତା ଙ୍କୁ ସୁରକ୍ଷା ଦେଇ ପାରୁନାହାନ୍ତି । ତାଂକ କେଶ ଗ୍ରହଣ କଲେ ନାହିଁ । କୋର୍ଟ ନିର୍ଦ୍ଦେଶ ପରେ କେଶ କଲେ ମାତ୍ର ତଦନ୍ତ ଘରେ ସୁନ ଶୁଣିବାକୁ ମିଳେ ।ଆମ ଖୋର୍ଦ୍ଧା ଏସପି ,(ଆଇ, ପି, ଏସ)ଓ ଏସ.ଡି. ପି.ଓ .(ଓ.ଏ.ଏସ.) ଯୁବ ଅଧିକାରୀ ଥାଇ ଏହି ଥାନା କେଶ ରେକଡ ମାନକ କାର୍ଯ୍ୟ ତଦନ୍ତ ସାହା ପକ୍ଷ ।

# ସରସ୍ୱତୀ ଶିଶୁ ମନ୍ଦିର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ

ଖଇରା,୨୫/୧୨(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବାଣପୁର ସରସ୍ୱତୀ ଶିଶୁ ମନ୍ଦିରର ୩ଦିନିଆ ରୌପ୍ୟ ଜୟନ୍ତୀ ସମାରୋହ ରବିବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ପରିଚାଳନା କମିଟି କୋଷାଧକ୍ଷ ବିଜୟ କୁମାର ଘୋଷଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଶିକ୍ଷା ବିକାଶ ସମିତିର ରାଜ୍ୟ ସଭାପତି କିଶୋର କୁମାର ମହାନ୍ତି ମୁଖ୍ୟ ଅତିଥି,ଲୋକପ୍ରିୟ କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା,ଓଡିଶା ସରକାରଙ୍କ କଳା,ସଂସ୍କୃତି ଓ ମାନବ ସମ୍ବଳ ବିଭାଗ ରାଜ୍ୟ ସମ୍ପାଦକ ଶଶି କୁମାର ସାହୁ,ସିଆରପିଏଫ ଜବାନ ମୟୁର ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନଚାର୍ଯ୍ୟ ଅଶୋକ ରଞ୍ଜନ ପଳେଇ ଅତିଥି ପରିଚୟ ପ୍ରଦାନ କରିଥିଲେ । ପରେ ପରେ ବିଶିଷ୍ଟ ବ୍ୟକ୍ତି,ପୁର୍ବରୁ ଏବଂ ବର୍ତ୍ତମାନ କାର୍ଯ୍ୟରତ ଆଚାର୍ଯ୍ୟ ଆଚାର୍ଯ୍ୟା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚସ୍ଥ ହୋଇଥିଲା । ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା,ପରିଚାଳନା ସମିତିର କାର୍ଯ୍ୟକର୍ତ୍ତା,ପୁର୍ବ ବିଦ୍ୟାର୍ଥୀ ପରିଷଦର ଭାଇଭଉଣୀ ମାନେ ୩ଦିନିଆ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଭବ୍ୟ ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ଉତ୍ସବ ନିମିତ୍ତ ନିମନ୍ତ୍ରଣ

## ଶ୍ରୀମନ୍ଦିର ପ୍ରଶାସନର ସ୍ୱତନ୍ତ୍ର ପ୍ରତିନିଧି ଦଳଙ୍କୁ ବାଲେଶ୍ୱର ପ୍ରଶାସନ ତରଫରୁ ସ୍ୱାଗତ ଓ ସମ୍ବର୍ଦ୍ଧନା

ବାଲେଶ୍ୱର, ୨୬/୧୨ (ନି.ପ୍ର): ରାଜ୍ୟ ସରକାରଙ୍କର ମହତ୍ତ୍ୱାକାଂକ୍ଷୀ ଯୋଜନା ଆଧାରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ଉତ୍ସବ ଆସନ୍ତା ୨୦୨୪ ମସିହା ଜାନୁଆରୀ ୧୭ ତାରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କରକମଳରେ ପୁରୀଠାରେ ଅନୁଷ୍ଠିତ ହେବ। ଏହାର ଭବ୍ୟ ଆୟୋଜନ ପାଇଁ ବ୍ୟବସ୍ଥା କରାଯାଇଅଛି। ଦେଶ ବାହାର, ଦେଶ ମଧ୍ୟରେ ଓ ରାଜ୍ୟ ମଧ୍ୟରେ ଥିବା ପ୍ରମୁଖ ଧର୍ମସ୍ଥଳୀର ମୁଖ୍ୟ ମାନଙ୍କୁ ଏହି ଉତ୍ସବରେ ଯୋଗ ଦେବା ପାଇଁ ଆମନ୍ତ୍ରଣ କରାଯାଇଛି। ଯଦିଓ ପ୍ରତ୍ୟେକ ଜିଲ୍ଲାର ଦୁଇଟି ପ୍ରମୁଖ ଧର୍ମସ୍ଥଳୀର ୨ଜଣ ଲେଖାଏଁ ମୁଖ୍ୟଙ୍କୁ ଉକ୍ତ ଉତ୍ସବକୁ ଆମନ୍ତ୍ରଣ କରାଯାଉଛି, କିନ୍ତୁ ପରବର୍ତ୍ତୀ ଦିନ ଠାରୁ ଅନ୍ୟ ଧର୍ମସ୍ଥଳୀର ମୁଖ୍ୟମାନେ ଦର୍ଶନରେ ଆସିପାରିବେ। ପ୍ରକାଶ ଥାଉକି ଏହି ଉତ୍ସବକୁ ଜିଲ୍ଲାର ଦୁଇ ପ୍ରମୁଖ ଧର୍ମସ୍ଥଳୀର ମୁଖ୍ୟମାନଙ୍କୁ ନିମନ୍ତ୍ରଣ କରିବା ପାଇଁ ପୁରୀରୁ ୩ଜଣ ଲେଖାଏଁ ସେବାୟତ ଓ ଜଣେ ଲେଖାଏଁ ସରକାରୀ ଅଧିକାରୀଙ୍କୁ ନେଇ ଦଳମାନ ଗଠନ ହୋଇଛି, ଯେଉଁମାନେକି ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାକୁ ଗସ୍ତ କରିବେ। ଜିଲ୍ଲା



ସଦର ମହକୁମାରେ ସେମାନେ ଜିଲ୍ଲାପାଳ ବା ଜିଲ୍ଲାପାଳଙ୍କ ମନୋନୀତ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସମ୍ପୃକ୍ତ ପ୍ରମୁଖ ଦୁଇ ଧର୍ମସ୍ଥଳୀର ମୁଖ୍ୟଙ୍କୁ ନିମନ୍ତ୍ରଣ ପତ୍ର ଓ ଅନ୍ୟାନ୍ୟ ନିମନ୍ତ୍ରଣ ସାମଗ୍ରୀ ପ୍ରଦାନ କରିବେ। ଏହି ବ୍ୟବସ୍ଥା ଆଧାରରେ ଆଜି ସନ୍ଧ୍ୟା ଘ୫.୩୦ମି ସମୟରେ ବାଲେଶ୍ୱର ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ପ୍ରଶାସନର ସ୍ୱତନ୍ତ୍ର ପ୍ରତିନିଧି ଦଳ ନିମନ୍ତ୍ରଣ ପତ୍ର ଧରି ପହଞ୍ଚିବା ପରେ ମୁଖ୍ୟ ଫାଟକ ନିକଟରୁ ସେମାନଙ୍କୁ ଏକ ଭବ୍ୟ ସ୍ୱାଗତ କରାଯାଇ ସଙ୍କୀର୍ତ୍ତନ, ଜୟ ଜଗନ୍ନାଥ ଧ୍ୱନି, ରଙ୍ଗୋଲୀ ତଥା ପୁଷ୍ପ ବୃଷ୍ଟି ମଧ୍ୟରେ ନିକଟସ୍ଥ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷକୁ ପାଛୋଟି ନିଆଯାଇଥିଲା, ଯେଉଁଠାରେ ସେମାନଙ୍କୁ ପ୍ରଶାସନ ତରଫରୁ ସସମ୍ମାନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବାଲେଶ୍ୱର ଜିଲ୍ଲାର ନୀଳଗିରିସ୍ଥ ଶ୍ରୀ ଜଗନ୍ନାଥ ମନ୍ଦିର ଏବଂ ଚନ୍ଦନେଶ୍ୱରସ୍ଥ ଶ୍ରୀ ଚନ୍ଦନେଶ୍ୱର ମନ୍ଦିରର ମୁଖ୍ୟମାନେ ସେମାନଙ୍କୁ ସ୍ୱ ସ୍ୱ ମନ୍ଦିରର ନେତ, ଆଜ୍ଞାମାଳ ଓ ଦେବଙ୍କ ଫଟୋ ଆଦି ଭେଟି ଦେଇଥିଲେ। ସେମାନେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଉପସ୍ଥିତିରେ ବାଲେଶ୍ୱର ଜିଲ୍ଲାର ନୀଳଗିରିସ୍ଥ ଶ୍ରୀ ଜଗନ୍ନାଥ ମନ୍ଦିର ଏବଂ ଚନ୍ଦନେଶ୍ୱରସ୍ଥ ଶ୍ରୀ ଚନ୍ଦନେଶ୍ୱର ମନ୍ଦିରର ମୁଖ୍ୟମାନଙ୍କୁ ନିମନ୍ତ୍ରଣ ପତ୍ର ଓ ଅନ୍ୟାନ୍ୟ ନିମନ୍ତ୍ରଣ ସାମଗ୍ରୀ ପ୍ରଦାନ କରିଥିଲେ। ଉଲ୍ଲେଖ ଯୋଗ୍ୟ ଯେ ଶ୍ରୀମନ୍ଦିର ପ୍ରଶାସନର ଏହି ସ୍ୱତନ୍ତ୍ର ପ୍ରତିନିଧି ଦଳରେ ସେବାୟତ ଭାବେ ଶ୍ରୀ ସଞ୍ଜୟ କୁମାର ଦତ୍ତ ମହାପାତ୍ର, ଶ୍ରୀ କୁନୁ ଦତ୍ତ ମହାପାତ୍ର, ଶ୍ରୀ ଗଦାଧର ଆପଟ ସାମିଲ ଥିବାବେଳେ ସରକାରୀ ଅଧିକାରୀ ଭାବେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନୀତିଶ କୁମାର ଦାଶ ସାମିଲ ଥିଲେ। ଶ୍ରୀ ଚନ୍ଦନେଶ୍ୱର ମନ୍ଦିର ତରଫରୁ ଶ୍ରୀ ବୁଦ୍ଧଦେବ ପଣ୍ଡା, ଶ୍ରୀ ଗୌତମ ଲାଲ ପଣ୍ଡା ଓ ଶ୍ରୀ ଅଶୋକ ପଣ୍ଡା ଯୋଗଦେଇ ନିମନ୍ତ୍ରଣ ପତ୍ର ଗ୍ରହଣ କରିଥିବାବେଳେ ନୀଳଗିରି ଶ୍ରୀ ଜଗନ୍ନାଥ ମନ୍ଦିର ତରଫରୁ ଶ୍ରୀ ରମା ସରୋଜ କୁମାର ନନ୍ଦ, ଶ୍ରୀ ରମା ପୁଣ୍ୟଶ୍ଳୋକ ନନ୍ଦ, ଶ୍ରୀ ପ୍ରହରାଜ ହର ନାରାୟଣ ନନ୍ଦ, ଶ୍ରୀ ହରିବନ୍ଧୁ କର ଆଦି ସେବାୟତ ମାନେ ନିମନ୍ତ୍ରଣ ପତ୍ର ଗ୍ରହଣ କରିଥିଲେ। ପୁରୀରୁ ଆସିଥିବା ମହାପ୍ରଭୁଙ୍କ ସେବକ ମାନେ ଆସନ୍ତା ଜାନୁଆରୀ ୧୭ ତାରିଖକୁ ସମସ୍ତଙ୍କ ପାଇଁ ଏକ ଅତି ପବିତ୍ର ଦିନ ଭାବେ ବିହୀତ କରି ସେଦିନ ସମସ୍ତେ ନିଜ ଦ୍ୱାରରେ ପୂର୍ଣ୍ଣ ଘଟ ସ୍ଥାପନ, ପ୍ରଦୀପ ପ୍ରଜ୍ୱଳନ, ଜୟ ଜଗନ୍ନାଥ ଜପ ସହ ନିରାମିଷ ଭୋଜନ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ।ଜିଲ୍ଲାପାଳ ଶ୍ରୀ ଶିନ୍ଦେ ପୁରୀ ଶ୍ରୀମନ୍ଦିର ପ୍ରଶାସନ ଓ ସେବାୟତ ନିଯୋଗକୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ବାଲେଶ୍ୱର ସଦରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ, ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ପୌରପାଳିକା ଅଧକ୍ଷା ଶ୍ରୀମତୀ ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ତଥା ଅନ୍ୟ ସରକାରୀ ଅଧିକାରୀ, କର୍ମଚାରୀ, ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ମନସ୍ୱିନୀ ରାଉତ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ରାଉରକେଲାରୁ କୋଲାକତା....

ମାତ୍ର ଦେଢ଼ଘଣ୍ଟା ମଧ୍ୟରେ ଏହି ଗନ୍ତବ୍ୟ ସ୍ଥଳକୁ ଯାଇ ହେବ । ଆଲାଏନ୍ସ ଏୟାର ସହଯୋଗରେ ସପ୍ତାହକୁ ୩ଦିନ ଏହି ଯାତ୍ରୀବାହୀ ବିମାନ ଉଡ଼ାଣ କରିବ । ରାଜ୍ୟ ସରକାର ୩୫ଟି ଆସନ ପାଇଁ ଏହି ଫଣ୍ଡିଂ ବ୍ୟବସ୍ଥା କରିଛନ୍ତି। ମଙ୍ଗଳବାର, ଗୁରୁବାର ଓ ଶନିବାର ଏହି ବିମାନ ଚଳାଚଳ କରିବ । ଏହି ବିମାନ ସେବା ଦ୍ୱାରା ସୁନ୍ଦରଗଡ଼ ଜିଲ୍ଲାରେ ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ସୃଷ୍ଟି ହୋଇପାରିବ ବୋଲି ସରକାର ଆଶାବାଦୀ ଅଛନ୍ତି ।

## ନୂଆ ବର୍ଷରେ ରାଜଧାନୀରେ...

ସେଗୁଡ଼ିକ ମଧ୍ୟରେ ରହିଛି ରାତି ସାଢ଼େ ୧୨ଟା ଯାଏ ହୋଟେଲ ଓ ବାର୍ ଖୋଲିପାରିବ। ଯେଉଁ ହୋଟେଲ୍ କିମ୍ବା ବାର୍ ମାଲିକ ମାନେ ୧ଟା ୩୦ ଯାଏ ଖୋଲିବାକୁ ଚାହିଁବେ। ସେଥିପାଇଁ ସ୍ୱତନ୍ତ୍ର ଅନୁମତି ନେବାକୁ ପଡ଼ିବ। ପାର୍କିଂ ପାଇଁ ସ୍ୱତନ୍ତ୍ର ସିକ୍ୟୁରିଟି ବ୍ୟବସ୍ଥା କରିବାକୁ ପଡ଼ିବ। ଗ୍ରାହକ ଯେପରି ଅଧିକ ମଦ୍ୟପାନ ନ କରନ୍ତି ସେଥିପ୍ରତି ବାର୍ ଓ ହୋଟେଲ କର୍ତ୍ତୃପକ୍ଷ ଧ୍ୟାନ ଦେବେ।

## ଇଡକୋ ସିଜିଏମଙ୍କ ଘରୁ ପୁଳାପୁଳା ....

୩ ବେଡରୁମ ଫ୍ଲାଟ ସମେତ କଟକ ଓ ଭୁବନେଶ୍ୱରର ୭ଟି ପ୍ଲଟ ସହ ମୋଟ ୧୦ଟି ମୂଲ୍ୟବାନ ପ୍ଲଟ ଠାବ ହୋଇଛି । ଏସବୁ ପ୍ଲଟ ଭିତରେ ଭୁବନେଶ୍ୱରର ପାଣ୍ଡରାଠାରେ ୪୬ ଡିସିମିଲ, ବାରଙ୍ଗରେ ୨୦୦ଡେସିମିଲ, ବାରଙ୍ଗର ରତାଗଡ଼ ମୌଜାରେ ୮୨ ଡିସିମିଲ ଓ ୪୯ ଡିସିମିଲ, କଟକ ସଦର ତହସିଲର ନଛିପୁର ମୌଜାରେ ୨୧୦ ଡିସିମିଲ ଓ ୪୫ ଡିସିମିଲ, ଟାଙ୍ଗୀଚୌଦ୍ୱାରରେ ହଜାରେ ଡିସିମିଲ, ଯାଜପୁରର ଧର୍ମଶାଳା ଅନ୍ତର୍ଗତ ନୂଆଗାଁରେ ୩୦ ଡିସିମିଲ ଜମି, ଯାଜପୁରର ବ୍ରହ୍ମବରଦା ଓ ସାରଙ୍ଗପୁରରେ ଗୋଟିଏ ଲେଖାଏଁ ପ୍ଲଟ୍ ମଧ୍ୟ ଥିବା ଭିଜିଲାନ୍ସ ଜାଣିବାକୁ ଯାଇଛି । ଏସବୁ ମୂଲ୍ୟବାନ ସମ୍ପତ୍ତି ବ୍ୟତୀତ ତାଙ୍କର ଗୋଟିଏ ଅଟା କଳ ଥିବା ମଧ୍ୟ ଜଣାପଡ଼ିଛି । ନଗଦ ୮ଲକ୍ଷ ଟଙ୍କା ତାଙ୍କ ଘରୁ ଜବତ ହୋଇଥିବାବେଳେ ଗୋଟିଏ ମାରୁତି ବାଲେନୋ ଗାଡ଼ି ଓ ୨ଚକିଆ ଗାଡ଼ି ସହ ୨୦.୮୮ଲକ୍ଷ ଟଙ୍କାର ମୂଲ୍ୟବାନ ଘରୋଇ ଉପକରଣ ମଧ୍ୟ ଭିଜିଲାନ୍ସ ଜବତ କରିଛି । ଅଧିକ ତଦନ୍ତ ପାଇଁ ଚଢ଼ଉ ଜାରି ରହିଛି । ଆସନ୍ତାକାଲି ମଧ୍ୟ ଏହି ଚଢ଼ଉ ଜାରି ରହିବ ବୋଲି ସୂଚନା ମିଳିଛି। ଆଜି ଶ୍ରୀ ମହାନ୍ତିଙ୍କର କଟକ,ଭୁବନେଶ୍ୱର ଓ ଯାଜପୁରସ୍ଥିତ ୭ଟି ସ୍ଥାନରେ ଏକକାଳୀନ ଚଢ଼ଉ ହୋଇଥିଲା । ୧୦ଜଣ ଡିଏସପି, ୬ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀଙ୍କ ସମେତ ମୋଟ ୭ଟି ଟିମ୍ ଏହି ଚଢ଼ଉ କରିଥିଲେ । ଭୁବନେଶ୍ୱର ସ୍ପେଶାଲ ଭିଜିଲାନ୍ସ କୋର୍ଟଙ୍କ ନିର୍ଦ୍ଦେଶରେ ଏହି ଚଢ଼ଉ ହୋଇଥିଲା । ଶ୍ରୀ ମହାନ୍ତିଙ୍କୁ ଭିଜିଲାନ୍ସ ଏବେ ଅଟକ ରଖିଥିବା ଜଣାପଡ଼ିଛି ।

## ଧାନକିଣାରେ ବିଜେଡିର...

ଏହା ଓଡ଼ିଶାର ଚାଷୀଙ୍କୁ ବିଜେଡି ସରକାରର ସବୁଠୁ ବଡ଼ ଉପହାର କି ବୋଲି ଶ୍ରୀ ମହାପାତ୍ର କଟାକ୍ଷ କରିଛନ୍ତି । ରାଜରେ ଧାନକଟା କାର୍ଯ୍ୟ ଆରମ୍ଭ ହୋଇସାରିଲାଣି । ପଶ୍ଚିମଓଡ଼ିଶାରେ ଧାନକଟା ଜୋରସୋରରେ ଚାଲିଛି । ମହା ଆଡ଼ମ୍ବରରେ ଲଘୁକ୍ରିୟା ସଦୃଶ ରାଜ୍ୟ ସରକାରଙ୍କ ବିପର୍ଯ୍ୟସ୍ତ ଓ ଅବ୍ୟବସ୍ଥିତ ମଣ୍ଡି ବ୍ୟବସ୍ଥା । ଘୋଷଣା ସର୍ବସ୍ୱ ବିଜେଡି ସରକାର ଆଜି ପର୍ଯ୍ୟନ୍ତ ସୁବ୍ୟବସ୍ଥିତ ମଣ୍ଡି କାର୍ଯ୍ୟକାରୀ କରିବାରେ ଅକ୍ଷମ ବୋଲି ପ୍ରମାଣିତ ହୋଇଛି । କଟନୀ ଛଟନୀର ଶିକାର ହେଉଥିବା ଚାଷୀକୁଳ ଆଜି ବି ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ବାହାର ରାଜ୍ୟର ବେପାରୀଙ୍କ କବ୍‌ଜାରେ ଚାଷୀକୂଳ । ଗତକାଲି ରାଜ୍ୟ ଯୋଗାଣ ମନ୍ତ୍ରୀ ରାଜ୍ୟ ସରକାରଙ୍କ ଅସହାୟତାକୁ ସ୍ୱୀକାର ମଧ୍ୟ କରିଛନ୍ତି । ରାଜ୍ୟରେ ଧାନକିଣାରେ ଏକ ବଡ଼ ସିଣ୍ଡକେଟ୍ କାମ କରୁଛି । ରାଜ୍ୟ ସରକାରଙ୍କ କୃଷି, ଯୋଗାଣ ଏବଂ ସମବାୟ ବିଭାଗର ମିଳିତ ମଧୁଚନ୍ଦ୍ରିକାରେ ମିଲର୍ସମାନେ ସାମିଲ ଅଛନ୍ତ । ଯେଉଁଥିପାଇଁ ଧାନ କିଣାରେ ବର୍ଷକୁ ୧୦୦୦ କୋଟି ଟଙ୍କାର ଦଳୀୟ ପାଣ୍ଠି ବିଜେଡି ସଂଗ୍ରହ କରୁଛି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି । ଚାଷୀଙ୍କ ସବୁ ଧାନ ସରକାର କିଣିବେ ବୋଲି କ୍ୟାବିନେଟ୍ ନିଷ୍ପତ୍ତି ନେଲେ । କିନ୍ତୁ ପରେ ଜଳସେଚିତ ଓ ଅଣଜଳସେଚିତର ବର୍ଗୀକରଣ କରିବାରୁ ବହୁ ଧାନ ବିକ୍ରି ନହୋଇ ପଡ଼ିରହୁଛି । ଚାଷୀ ବିପୁଳ କ୍ଷତି ସହୁଛି । ଭୁବନେଶ୍ୱରରୁ ଟୋକେନ୍ ଇସ୍ୟୁ କରାଯାଉଛି,ତେଣୁ ବହୁ ସଂଖ୍ୟାରେ ଭୂତ ହିତାଧିକାରୀ ଲାଭବାନ ହେଉଛନ୍ତି । ଆଉ ମିଲରମାନଙ୍କ ଜରିଆରେ ବିଜେଡି ନିଜ ଦଳୀୟ ପାଣ୍ଠି ସଂଗ୍ରହ କରିବାରେ ସକ୍ଷମ ହେଉଛି ବୋଲି ସେ ଅଭିଯୋଗ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟପାଳ ରଘୁବର ଦାସ ସମ୍ବଲପୁର ଗସ୍ତରେ ଯାଇଥିବାବେଳେ ଚାଷୀମାନେ କିଭଳି ଶୋଷଣର ଶିକାର ହେଉଛନ୍ତି ତାହା ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ।ଏପଟେ ଯୋଗାଣ ମନ୍ତ୍ରୀ କହିଲେ, ଆମେ ସୀମା ସିଲ୍ କରିଦେବୁ କେହି ପ୍ରବେଶ କରିପାରିବେ ନାହିଁ । ଯଦି ପଡ଼ୋଶୀ ରାଜ୍ୟରେ ଚାଷୀଙ୍କୁ ଧାନ କ୍ୱିଂଟାଲ ପିଛା ୩୦୦୦ ଟଙ୍କା ଦିଆଯାଉଛି ତା'ହେଲେ ଓଡ଼ିଶାର ଚାଷୀ କାହିଁକି ମାତ୍ର ୧୫୦୦-୧୬୦୦ଟଙ୍କା କ୍ୱିଣ୍ଟାଲରେ ଧାନ ବିକ୍ରି କରୁଛି । ସୁତୁଲି, ଅଖା, ପରିବହନ ପାଇଁ ଆସୁଥିବା ଟଙ୍କାକୁ ବିଜେଡିର ନେତା ଓ ମନ୍ତ୍ରୀ ମିଳିମିଶି ଖାଇଯାଉଛନ୍ତି । ଆଉ ଚାଷୀ ବିଚରା ନିଜର ପ୍ରାପ୍ୟ ବି ଠିକସେ ପାଉନି ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ବିଜେଡି ସରକାର ନିଜର ଚାଷୀମାରଣ ନୀତି ଛାଡ଼ୁ । ଚାଷୀଙ୍କ ଶୋଷଣ ବହୁତ ହୋଇଗଲା । ଯଦି ସରକାର ନସୁଧୁରିବେ ତା'ହେଲେ ଆଗାମୀ ଦିନରେ ବିଜେପି ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଶ୍ରୀ ମହାପାତ୍ର ଚେତାବନୀ ଦେଇଛନ୍ତି ।

## ୨୦୨୪ରେ ପୁଣି ଆସିବ...

ସେଥିରେ ୧୮ ବର୍ଷରୁ ଅଧିକ ବୟସ୍କ ୧୩ ହଜାର ୧୧୫ ଜଣ ନିଜର ମତ ପ୍ରକାଶ କରିଥିଲେ । ପୂର୍ବ ଭାରତରୁ ୮୦ରୁ ୯୦ ଆସନ, ଉତର ଭାରତରୁ ୧୫୦ରୁ ୧୬୦ ଆସନ, ପଶ୍ଚିମ ଭାରତରୁ ୪୫ରୁ ୫୫, ଦକ୍ଷିଣ ଭାରତରୁ ୨୦-୩୦ ଆସନ ବିଜେପିକୁ ଆସିବ ବୋଲି ସର୍ଭେରେ କୁହାଯାଇଛି । ସେହିପରି ଇଣ୍ଡିଆ ମେଂଟ ପୂର୍ବ ଭାରତରୁ ୫୦ରୁ ୬୦ ଆସନ, ଉତରରୁ ୨୦-୩୦, ପଶ୍ଚିମରୁ ୨୫-୩୫ ଆସିବ ବୋଲି ସର୍ଭେରୁ ପ୍ରକାଶ ପାଇଛି । ବିଜେପି ଶାସିତ ରାଜ୍ୟ ଉତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ରୁ ବିଜେପି ଭଲ ଭୋଟ ପାଇବ ବୋଲି କୁହାଯାଇଛି ।

## ଶ୍ରୀମନ୍ଦିର ପରିକ୍ରମା ...

ଲିଙ୍ଗରାଜ ମନ୍ଦିର ସେବକମାନେ ଶ୍ରୀମନ୍ଦିର ସେବାୟତଙ୍କୁ ମହାପ୍ରଭୁଙ୍କ ଗର୍ଭଗୃହକୁ ପାଛୋଟି ନେଇଥିଲେ। ଆଉ ସେଠି ପ୍ରତିନିଧିମଣ୍ଡଳୀ ସାଙ୍ଗରେ ଆଣିଥିବା ଗୁଆ, ନଡ଼ିଆ, ପାନ, ମାହାର୍ଦ୍ଦ ଓ ନିମନ୍ତ୍ରଣ ପତ୍ର ଦେଇ କୃତାଞ୍ଜଳୀ ପୁଟରେ ପରିକ୍ରମା ପ୍ରକଳ୍ପ ଉତ୍ସବରେ ଅତିଥି ହେବାକୁ ନିମନ୍ତ୍ରଣ ଦେଇଥିଲେ। ଲିଙ୍ଗରାଜଙ୍କୁ ନିମନ୍ତ୍ରଣ ପରେ ଦେଶର ବିଭିନ୍ନ ପ୍ରମୁଖ ମନ୍ଦିର, ଧାମ ଓ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କ ପୀଠକୁ ଯାତ୍ରା କରିଥିଲେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ସ୍ଥିରୀକୃତ ଟିମ। ମୋଟ ୩୦ଟି ଟିମ ମଧ୍ୟରୁ ୧୩ଟି ଓଡ଼ିଶା ଭିତରେ ଓ ୧୭ଟି ଓଡ଼ିଶା ବାହାରେ ବିଭିନ୍ନ ଦେବସ୍ଥାନ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ଯାଇ ନିମନ୍ତ୍ରଣ ଦେବେ। ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ପାଇଁ ନିମନ୍ତ୍ରଣ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ, ମହାପ୍ରଭୁ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅକ୍ଷତ ଚାଉଳ ଓ ଗୁଆ ପ୍ରଦାନ କରିଥିଲେ। ଆଜି ସକାଳେ ପୁରୀରୁ ବାବାହାରିଥିବା ନିମନ୍ତ୍ରଣକାରୀ ଟିମ୍‌କୁ ନାମ ସଂକୀର୍ତ୍ତନ ଓ ଶଙ୍ଖ ବଜାଇ ବିଦାୟ ଦେଇଥିଲେ ପୁରୀବାସୀ ଏବଂ ଜଗନ୍ନାଥ ଭକ୍ତ।

# ଶିମିଳିପାଳରୁ ୪ ଶିକାରୀ ଏବଂ ୨ କାଠ କଟାଳି ଗିରଫ

ବାରିପଦା , ୨୬/୧୨ (ନି.ପ୍ର): ଶିମିଳିପାଳ ବନ ବିଭାଗର ପେଟ୍ରୋଲିଂ ବେଳେ ଶିମିଳିପାଳ ୱାଇଲଡ ଲାଇଫ ପ୍ରଟେକ୍ସନ ଫୋର୍ସ ଏବଂ ମିଳିତ ଟାସ୍କ ଫୋର୍ସ ୪ ଜଣ ଶିକାରୀ ଏବଂ ୨ କାଠ କଟାଳୀଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ବନ୍ଧୁକ ଓ ଶିକାର ନିମନ୍ତେ ବ୍ୟବହୃତ ମାରଣାସ୍ତ୍ର ସରଞ୍ଜାମ ଜବତ ହୋଇଥିବାର ଜଣାଯାଇଛି। ସୂଚନା ମୁତାବକ ଶିମିଳିପାଳ ସତନ୍ତ୍ର ବ୍ୟାଘ୍ର ସୁରକ୍ଷା ଫୋର୍ସ (ଏସଟିପିଏଫ)କୁ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଶିକାର କରିବା ଉଦ୍ଦେଶ୍ୟରେ ଶିକାରୀ ପ୍ରବେଶ କରିଥିବାର ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିବା ବେଳେ, ପେଟ୍ରୋଲିଂ ସମୟରେ ଦକ୍ଷିଣ ଡିଭିଜନ ଅନ୍ତର୍ଗତ ଜେନାବିଲ ରେଞ୍ଜ ଅଞ୍ଚଳରେ ୪ ଜଣ ଶିକାରୀଙ୍କୁ ଦେଖିଥିଲେ। ତେବେ ଫୋର୍ସକୁ ଦେଖି ଦୁଇ ଜଣ ବନ୍ଧୁକଧାରୀ ଶିକାରୀ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ଦୁଇ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉଦଳା ଥାନା ଅନ୍ତର୍ଗତ ଦୁଗଧା ଗ୍ରାମ ପଞ୍ଚାୟତର କାଦମଡା ଗ୍ରାମର ଜଗବନ୍ଧୁ ସିଂ ଓରଫ ମୋହନ(୬୦) ଏବଂ ଅଙ୍ଗାରପଦା ଗ୍ରାମ ଲବନ ସାହିର ବାବୁ ମୁର୍ମୁ ଓରଫ ବାଦୁ(୨୫) । ତାଙ୍କ ନିକଟରୁ ୪୦ଗ୍ରାମ ବାରୁଦ, ଗୋଟେ ୧୪୧ସେମିର ବନ୍ଧୁକର ଲୁହା ଗଜ, ଗୋଟିଏ କଟୁରି ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଏନେଇ ଜେନାବିଲ ରେଞ୍ଜରେ ଏକ ମାମଲା ରୁଜୁ କରିବା ସହ ଅଧିକ ତଦନ୍ତ ପ୍ରକ୍ରିୟା ଜାରି ରହିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣର ଦକ୍ଷିଣ ଡିଭିଜନ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ସୂଚନା ଦେଇଛନ୍ତି। ସେହିପରି ଯୁଗ୍ମ ଟାସ୍କଫୋର୍ସ ଦ୍ୱାରା ଶିମିଳିପାଳ ଅଭୟାରଣ୍ୟ ମଧ୍ୟରୁ ଆଉ ଦୁଇ ଜଣ ଶିକାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ତାଙ୍କ ନିକଟରୁ ବନ୍ଧୁକ ଓ ମାରଣାସ୍ତ୍ର ସରଞ୍ଜାମ ଜବତ ହୋଇଛି। ସୂଚନା ଅନୁଯାୟୀ, ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଶିକାରକୁ ରୋକିବା ପାଇଁ ଯୁଗ୍ମ ଟାସ୍କଫୋର୍ସ ଫୋର୍ସ ଟିମ ନିୟୋଜିତ ଥିବା ବେଳେ, ଶିକାରୀ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିବାର ନେଇ ଖବର ମିଳିଥିଲା। ଏନେଇ ଫୋର୍ସ ଡୁକୁରା ରେଞ୍ଜ ଅଞ୍ଚଳର ଘଟଣାସ୍ଥଳରେ ପହଁଚିଥିଲେ। ତେବେ ସେଠାରେ ଫୋର୍ସକୁ ଦେଖି ସାତ ଜଣ ଶିକାରୀ ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଦୁଇ ଜଣ ଶିକାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଉଦଳା ଥାନା ଅନ୍ତର୍ଗତ ବଡ଼ଖମଣ ଗ୍ରାମ ପଞ୍ଚାୟତର ମାଣିକପୁର ଗ୍ରାମ ବୈଦକୁଡି ସାହିର ସୁରେଶ ଟୁଡୁ(୫୦) ଓ ବାଜୁନ କିସ୍କୁ (୪୦)। ତାଙ୍କ ନିକଟରୁ ଗୋଟେ ଦେଶୀ ବନ୍ଧୁକ ସମେତ ୫୦ଗ୍ରାମ ଗ୍ରାମ ବାରୁଦ, ଗୋଟେ ବନ୍ଧୁକର ଲୁହା ଗଜ, ଗୋଟେ କଟୁରି, ୭୦ଗୋଟି ଆଇରନ ବଲ, ରାସାୟନିକ ପଦାର୍ଥ ଏବଂ



ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି। ଘଟଣା ନେଇ ପଚରା ଉଚରା କରିବା ପରେ ଶିମିଳିପାଳ ଅଭୟାରଣ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ଛାନଭିନ କରି ଲୁଚାଇ ରଖିଥିବା ଅନ୍ୟ ଦୁଇ ଗୋଟି ଦେଶୀ ବନ୍ଧୁକ ସମେତ ଦୁଇଟି ଲୁହା ଗଜ ଜବତ କରାଯାଇଛି। ଏନେଇ ଡୁକୁରା ରେଞ୍ଜରେ ଏକ ମାମଲା ରୁଜୁ କରିବା ସହ ଅଧିକ ତଦନ୍ତ ପ୍ରକ୍ରିୟା ଜାରି ରହିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟପ୍ରାଣୀ ସଂରକ୍ଷକ ଡ଼ଃ ପ୍ରକାଶ ଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ସେହିପରି ଶିମିଳିପାଳ ଅଭୟାରଣ୍ୟ ମଧ୍ୟରୁ ଦୁଇ ଜଣକାଠ କଟାଳୀକୁ ମଧ୍ୟ ବନ ବିଭାଗ ଗିରଫ କରିଛି। ସେମାନଙ୍କ ନିକଟରୁ କାଠ ଓ ସରଞ୍ଜାମ ଜବତ ହୋଇଛି। ସୂଚନା ଅନୁଯାୟୀ, ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ବନ କର୍ମଚାରୀ ପେଟ୍ରୋଲିଂ ସମୟରେ ଦକ୍ଷିଣ ଡିଭିଜନ ଅନ୍ତର୍ଗତ ପିଠାବଟା ଉତ୍ତର ରେଞ୍ଜର ଚମ୍ପାଗଡ଼ ବିଟ ଅଞ୍ଚଳରେ ଗଛ କାଟୁଥିବାର ଦେଖିବାକୁ ମିଳିଥିଲା। ବିକ୍ରୟ ଉଦ୍ଦେଶ୍ୟରେ କସି ଗଛ କାଟି କାଠ ପଟ୍ଟା ପ୍ରସ୍ତୁତ କରୁଥିଲେ। ଗିରଫ ଦୁଇ ଜଣ ଘର ଲୁଲୁଙ୍ଗ ନିକଟସ୍ଥ ଯୋଗେନ୍ଦ୍ରଦାସପୁର ଗ୍ରାମରେ ବୋଲି ଜଣାଯାଇଛି। ତାଙ୍କ ନିକଟରୁ ୨।୩ ସିଏଫଟିର ୫ଖଣ୍ଡ କାଠ ପଟ୍ଟା ଏବଂ ଗୋଟେ ଦେଶୀ କରତ ଜବତ କରାଯାଇଛି। ଏନେଇ ପିଠାବଟା ଉତ୍ତର ରେଞ୍ଜରେ ଏକ ମାମଲା ରୁଜୁ କରିବା ସହ ଅଧିକ ତଦନ୍ତ ପ୍ରକ୍ରିୟା ଜାରି ରହିଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣର ଦକ୍ଷିଣ ଡିଭିଜନ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ସୂଚନା ଦେଇଛନ୍ତି।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଟେଣ୍ଡର ନୋଟିସ୍ ନଂ: **TRD-KGP-W-2023- 24-20,** ତାରିଖ: **22.12.2023** । ଭାରତର ରାଷ୍ଟ୍ରପତିଙ୍କ ତରଫରୁ, **Sr. DEE / TRD,** ଦକ୍ଷିଣ ପୂର୍ବ ରେଳ, ଖଡ଼ଗପୁର -୭୨୧୩୦୧ ୧୫.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡରକୁ ଆମନ୍ତ୍ରଣ କରିଥାଏ । ଆଇଟମ୍ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ । କାର୍ଯ୍ୟର ବର୍ଣ୍ଣନା: ବାଙ୍ଗ୍ରିପୋସି ସାଇଡିଂରେ ବାଲାଷ୍ଟ ଡିପୋ ସାଇଡିଂର ଯୋଗାଣ । ଟେଣ୍ଡର ମୂଲ୍ୟ: ୧୦,୮୨,୩୫୦.୬୮ **EMD:** ୨୧,୭୦୦ ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ: ନିଲ୍ । ଖୋଲିବାର ତାରିଖ: ୧୨.୦୧.୨୦୨୪ । ସମାପ୍ତି ସମୟ: ୧୨ (ବାର) ମାସ। ଦାଖଲ ତାରିଖ: ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୧୨.୦୧.୨୦୨୪ ର ଇଚ୍ଛୁକ ଟେଣ୍ଡରକାରୀମାନେ ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ଟେଣ୍ଡରର ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଟିପନ୍ତୁ: ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାକର୍ମୀମାନେ ନିୟମିତ ଭାବରେ **www.ireps.gov** ପରିଦର୍ଶନ କରିପାରିବେ ।

**(PR-958)**



O-1988

GOVERNMENT OF ORISSA
OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - ccrwkaranjia@yahoo.com
Letter No. 5847 // Date:- 19.12.2023

**"e" Procurement Notice for Special Repair to Roads & Bridges and approach road & Periodical Maintenance works for year 2023-24.**
**Bid Identification No – RWDKNJ –15 / 2023-24**

1. Name of the work : Road Works (As per Annexure)
2. Estimated Cost : Rs. 6.78 to Rs.5.08 Lakhs Approximately (As per Annexure).
3. Class of Contractor : 'D','C'& Class, (As per Annexure)
4. Period of Completion : As per Annexure
5. Tender Paper Cost : Paper cost of bid as mentioned in Annexure of Road Works.

Further details can be seen from the website www.tendersodisha.gov.in

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E. R.W. Division, Karanjia Technical & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Karanjia | Road Online RWDKNJ-15/23-24. | Dt. 26.12.2023 at 10.00 A.M. | Dt.03.01.2024 up to 5.00 P.M. | Dt.02.01.2024 up to 1.00 P.M. | Dt.04.01.2024 at 11.00 A.M. |

OIPR: 25086/11/0023/2324

Superintending Engineer
R.W. Division, Karanjia


# ବ୍ରଜନାଥ ରଥ ସମ୍ମାନ ପାଇଁ ତିନି ସାରସ୍ୱତ ସାଧକ ମନୋନୀତ

ବାଲେଶ୍ୱର, ୨୬/୧୨ (ନି.ପ୍ର): ଦିବଙ୍ଗତ କବି ଡ. ବ୍ରଜନାଥ ରଥଙ୍କ ସ୍ମୃତିରେ ୨୦୧୬ ମସିହାରୁ ସ୍ଥାପିତ କବି ବ୍ରଜନାଥ ରଥ ଫାଉଣ୍ଡେସନ ଟ୍ରଷ୍ଟ ଦ୍ୱାରା ପ୍ରତିବର୍ଷ ଓଡ଼ିଶାର ତିନିଜଣ ସାହିତ୍ୟ, ସଂସ୍କୃତି, କଳା ଆଦି କ୍ଷେତ୍ରରେ ନିରନ୍ତର ସାଧନା କରୁଥିବା ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରାଯାଉଛି। ଚଳିତବର୍ଷ ୩ଜଣ ସାରସ୍ୱତ ସାଧକଙ୍କୁ ସମ୍ମାନ ପ୍ରଦାନ ପାଇଁ ମନୋନୀତ କରାଯାଇଛି। ସେମାନେ ହେଲେ ରମାକାନ୍ତ ବେହେରା, ଅସିତ ମହାନ୍ତି ଓ ନିତ୍ୟାନନ୍ଦ ସାହୁ। କବି ବ୍ରଜନାଥ ରଥଙ୍କ ଦ୍ୱାରା ସ୍ଥାପିତ ବିଶ୍ୱତାରା ଓଡ଼ିଆ ଗବେଷଣା ଗ୍ରନ୍ଥାଗାର ସଭାଗାରରେ ଗବେଷକ ବିଜୟ ଉପାଧ୍ୟାୟଙ୍କ ସଭାପତିତ୍ୱରେ ବହୁ କବି ଓ ଲେଖକ ଉପସ୍ଥିତ ହୋଇ ୨୦୨୪ ମସିହାର ଏହି ସମ୍ମାନ ପାଇଁ କିଛି ନାମ ଫାଉଣ୍ଡେସନ ଟ୍ରଷ୍ଟକୁ ପ୍ରସ୍ତାବ ଦେଇଥିଲେ। ନାଁ ସବୁକୁ ବିଚାରକୁ ନେଇ ବର୍ଷୀୟାନ ସାରସ୍ୱତ ସାଧକ ଡ. ରମାକାନ୍ତ ବେହେରାଙ୍କୁ କବି ବ୍ରଜନାଥ ରଥ ସାରସ୍ୱତ ସମ୍ମାନ, ବିଶିଷ୍ଟ ଲେଖକ ଓ ଗବେଷକ ଅସିତ ମହାନ୍ତିଙ୍କୁ କବି ବ୍ରଜନାଥ ରଥ ସ୍ମୃତି ସମ୍ମାନ ତଥା ବିଶିଷ୍ଟ ଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କୁ କବି ବ୍ରଜନାଥ ରଥ ସ୍ମୃତି ସମ୍ବର୍ଦ୍ଧନା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିବା ଟ୍ରଷ୍ଟର ସଦସ୍ୟ ସୂଚନା ଦେଇଛନ୍ତି। ପ୍ରକାଶଥାଉ କି ପ୍ରତିବର୍ଷ ଜାନୁଆରୀ ମାସ ୧୨



ତାରିଖ କବିଙ୍କ ଜନ୍ମଦିନରେ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। କବି ବ୍ରଜନାଥ ରଥ ସାରସ୍ୱତ ସମ୍ମାନ ବାବଦରେ ନଗଦ ୨୫ ହଜାର ଟଙ୍କା, ସମ୍ମାନ ପତ୍ର ସହ ଅଙ୍ଗବସ୍ତ୍ର ଓ କବି ବ୍ରଜନାଥ ରଥ ସ୍ମୃତି ସମ୍ମାନ ବାବଦରେ ୫ ହଜାର ଟଙ୍କା, ସମ୍ମାନ ପତ୍ର ସହ ଅଙ୍ଗବସ୍ତ୍ର ତଥା କବି ବ୍ରଜନାଥ ରଥ ସ୍ମୃତି ସମ୍ବର୍ଦ୍ଧନା ବାବଦରେ ସମ୍ମାନପତ୍ର ସହ ଅଙ୍ଗବସ୍ତ୍ର ପ୍ରଦାନ କରାଯାଏ।

# ଶିକ୍ଷାନୁଷ୍ଠାରେ ନୂଆ-ଓ କାର୍ଯ୍ୟକ୍ରମର ଅବଧି ଜାନୁୟାରୀ ୧୫ ଯାଏ ବୃଦ୍ଧି

ଭୁବନେଶ୍ୱର, ୨୬ /୧୨ (ନି.ପ୍ର): ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀଙ୍କ ଅଧକ୍ଷତାରେ ମଙ୍ଗଳବାର ଶିକ୍ଷାନୁଷ୍ଠାନଗୁଡିକରେ ଚାଲିଥିବା ନୂଆ- ଓ କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକ ଭିଡିଓ କନଫରେନ୍ସିଂ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତରେ ଶିକ୍ଷାନୁଷ୍ଠାନଗୁଡ଼ିକରେ କ୍ରୀଡା, ସମାଜସେବା, ବିଭିନ୍ନ ପ୍ରକାର ଜ୍ଞାନକୌଶଳ, ଶାରୀରିକ ବିକାଶ ଇତ୍ୟାଦିକୁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ବୈଠକରେ ମନ୍ତ୍ରୀ ଶ୍ରୀ ନାୟକ କହିଥିଲେ ଯେ ଏହି ନୂଆ-ଓ କାର୍ଯ୍ୟକ୍ରମର ଅବଧିକୁ ଜାନୁୟାରୀ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭିଡ଼ିଓଗ୍ରାଫି ଏବଂ ଫୋଟୋଗ୍ରାଫି ପ୍ରତି ଆଗ୍ରହ ସୃଷ୍ଟି ପାଇଁ ପ୍ରତିଯୋଗିତା କରିବା ସହ ଯେଉଁ ଛାତ୍ରଛାତ୍ରୀ ସାମାଜିକ କାର୍ଯ୍ୟକ୍ରମ, ଭିଡ଼ିଓଗ୍ରାଫି ଏବଂ ଫଟୋଗ୍ରାଫି ପ୍ରତିଯୋଗିତାରେ ଭାଗ ନେଇଥିବେ ସେମାନଙ୍କୁ ସାମ୍ସ ଲ୍ୟାବ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯିବ। ରାଜ୍ୟର ଛଅଶହରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନରେ ଏହି ନୂଆ-ଓ କାର୍ଯ୍ୟକ୍ରମ ଚାଲିଥିବା ପ୍ରକାଶ । ସାମାଜିକ କାର୍ଯ୍ୟକଳାପ ପାଇଁ କୌଣସି ଡେଡ୍ ଲାଇନ ରହିବ ନାହିଁ।

ବୁଧବାର, ଡିସେମ୍ବର ୨୭, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବେତନଟୀ ପ୍ରିମିୟର ଲିଗ୍: ଫାଇନାଲରେ ୧୧ ଷ୍ଟାର ମୋରଡା




ବେତନଟୀ , ୨୬/୧୨ (ନି.ପ୍ର): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୦ ର ଅଷ୍ଟମ ଦିନରେ ପ୍ରଥମ ସେମିଫାଇନାଲ ମ୍ୟାଚ ୧୧ ଷ୍ଟାର ମୋରଡା ଓ ମାଣତ୍ରୀ ଟାଇଟନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମାଣତ୍ରୀ ପ୍ରଥମେ ଟସ ଜିତି ନିର୍ଦ୍ଧାରିତ ୨୫ ଓଭର ୯ ଉଇକେଟ ହରାଇ ୧୮୭ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । ୧୮୮ ରନର ବିଜୟଲକ୍ଷ କରି ପଡ଼ିଆ କୁ ହୋଲାଇଥିବା ୧୧ ଷ୍ଟାର ମୋରଡା ୨୩.୨ ଓଭର ରେ ଅଷ୍ଟମ ଉଇକେଟ ହରାଇ ୧୯୩ ରନ କରି ବିଜୟ ଲାଭ କରିଥିଲା । ୧୧ ଷ୍ଟାର ମୋରଡା ର ଖେଳାଳି ୩ ଉଇକେଟ ନେଇଥିବା ହିଂତାଶୁ ହିଲର ଦାସ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ସେମିଫାଇନାଲ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା କୃତି ଖେଳାଳିଙ୍କୁ ଶିକ୍ଷକ ହୃଷିକେଶ ମହାନ୍ତ ପୁରସ୍କୃତ କରିଥିଲେ । ଏହି ଖେଳକୁ ପ୍ରକାଶ ଜ୍ୟୋତି ଆଦିତ୍ୟ ଓ ଅନୁପ କୁମାର ଦଣ୍ଡପାଟ ପରିଚାଳନା କରିଥିଲେ । ସ୍କୋର ଦାଇତ୍ୱ ରେ ସଞ୍ଜିପ କୁମାର ରାଉତ ଓ ରବିନ୍ଦ୍ର ସାହୁ ଅନଲାଇନ ସ୍କୋର ଭାବରେ ଗୌତ୍ୱ ନାଥ , ଭାଗ୍ୟ ରଞ୍ଜନ ବେହେରା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ କୁ କ୍ଲବ ର ଅଜୟ ଓଝା, କେଶବ ନାଥ, ପ୍ରଶାନ୍ତ ନାଥ, ସାଗର ସାହୁ, ଚନ୍ଦନ ଗିରି, ଅଭିନାଶ ନାୟକ, ସର୍ବେଶ୍ୱର ଦାସ, ବିନୁଯ ପଣ୍ଡିତ ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଜାନୁଆରୀ ୫ରୁ ଗଡିବ ବହୁ ପ୍ରତିକ୍ଷୀତ ନୀଳଗିରି ଗୋପୀନାଥପୁର ବାଲେଶ୍ୱର ଯାତ୍ରୀବାହୀ ଟ୍ରେନ



ନୀଳଗିରି , ୨୬/୧୨ (ନି.ପ୍ର): ସବୁ ପ୍ରତୀକ୍ଷାର ଅନ୍ତ ଘଟି ଆସନ୍ତା ଜାନୁଆରୀ ୫ତାରିଖରୁ ନୀଳଗିରିରୁ ଗଡିବ ଯାତ୍ରୀବାହୀ ଟ୍ରେନ। ଏନେଇ ବାଲେଶ୍ୱର ଠାରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ଡି ଆର ଏମ କେ. ଆର. ଚୌଧୁରୀଙ୍କ ଉପସ୍ଥିତିରେ ରେଳବିଭାଗ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାଧୀନତାର ୭୬ବର୍ଷ ପରେ ନୀଳଗିରି ଓ ରେମୁଣାବାସୀଙ୍କ ସ୍ୱପ୍ନ ପୂରଣ ହେଉଥିବାରୁ ଭାରତର ଯଶସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନି ବୈଷ୍ଣବଙ୍କୁ ନୀଳଗିରି ଓ ରେମୁଣାବାସୀଙ୍କ ତରଫରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଏଥି ସହିତ ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟାକୁ ଅଞ୍ଚଳବାସୀ ମଧ ସାଧୁବାଦ ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ସହିତ ବେତନଟୀ ରେଳ ଷ୍ଟେସନରେ ଏକ ସବ୍ - ୱେ ର ଶିଳାନ୍ୟାସ ମଧ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ କରାଯିବ। ଏହି ଟ୍ରେନ ଚଳାଚଳ କଲେ ନୀଳଗିରି ବାସୀଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେଉଥିବାରୁ ଆଦିବାସୀ ଅଧୁଷିତ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

# ଆଗ୍ରିଆ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବେତନଟୀ , ୨୬/୧୨ (ନି.ପ୍ର): ବେତନଟୀ ବ୍ଲକ ସ୍ଥିତ ଆଗ୍ରିଆ ପଞ୍ଚାୟତ ବୀଣାପାଣି ଯୁବକ ସଂଘ ତରଫରୁ ଆସନ୍ତା ବର୍ଷ ହେବାକୁ ଥିବା ୨୧ ତମ ଆଗ୍ରିଆ ମହୋତ୍ସବ -୨୦୨୪ ନାମରେ ପାଳନ ହେବା ନେଇ ସଂଘର ନୂତନ କାର୍ଯ୍ୟାଳୟରେ ଏକ ବୈଠକର ଆୟୋଜନ କରାଯାଇଥିଲା। ଏହା ଜାନୁଆରୀ ୨୩ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ୭ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ଧୂମ୍ ଧାମରେ ପାଳନ କରାଯିବ ପାଇଁ ସ୍ଥିର ହୋଇଛି। ପ୍ରତିବର୍ଷ ଭଳି ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭନ୍ନ ପ୍ରତିଯୋଗିତା, ୨୮ ତାରିଖ ରବିବାର ଦିନ ଏକ ବିଶାଳ ରକ୍ତଦାନ ଶିବିର , ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ୨୯ ତାରିଖ ରାତି ମେଲୋଡି ନାଇଟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ରହିବ ବୋଲି ସ୍ଥିର କରାଯାଇଥିଲା। ଏଥିରେ ସଂଘର ସଭାପତି ଶିବନାରାୟଣ ଘୋଷ, ସଂପାଦକ ଜୀବନ ପରିଡ଼ା, ଉପ ସଭାପତି ଜିତେନ୍ଦ୍ର ପରିଡ଼ା, ସହ ସଂପାଦକ ପ୍ରକାଶ ଜ୍ୟୋତି ପ୍ରଧାନ, କୋଷାଧକ୍ଷ ରଞ୍ଜନ ପରିଡା, ଚନ୍ଦନ ଦାସ,ବ୍ରହ୍ମାନନ୍ଦ ପରିଡ଼ା, ଶ୍ରୀଧର ଦେହୁରୀ, ଇନ୍ଦ୍ରଜିତ ଓଝା, ହିମାଂଶୁ ପଣ୍ଡିତ,ତରଣୀ ପଣ୍ଡିତ, ଦିଲ୍ଲିପ ମହାନ୍ତି, ପ୍ରମୋଦ ନାୟକ, ବୀରକିଶୋର ବିଶ୍ୱାଳ,ସୁମନ୍ତ ପରିଡ଼ା, ହରିଶ ପ୍ରଧାନ, ବୈଦ୍ୟନାଥ ସିଂ,ହରିଶ ପ୍ରଧାନ, ଚନ୍ଦନ ପରିଡ଼ା ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ମହିଳା କଲେଜରେ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ

ଲଙ୍ଗଳେଶ୍ୱର, ୨୬/୧୨ (ନି.ପ୍ର): ବାଲିଆପାଳ ବ୍ଲକ ପଞ୍ଚୁପାଲି କମଳ କୁମାରୀ ସଂସ୍କୃତ ମହିଳା କଲେଜର ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ସେବା ଶିବିର ସୋମବାର କଲେଜ ପରିସରରେ ଉଦଘାଟିତ ହୋଇ ଯାଇଛି।କଲେଜ ଅଧକ୍ଷ ରାଜ କିଶୋର ବାରିକ ଏହାକୁ ଉଦଘାଟନ କରି ସେବା ଶିବିରର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସାତ ଦିନିଆ ଏହି ଶିବିରରେ ସ୍ୱେଚ୍ଛାସେବୀମାନେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ସମ୍ପାଦନ କରିବେ। ତାହାଛଡ଼ା ସରକାର ଙ୍କ ବିଭିନ୍ନ ଲୋକ ହିତକର କାର୍ଯ୍ୟକ୍ରମ ସମ୍ପର୍କରେ ସ୍ୱେଚ୍ଛାସେବୀମାନେ ସାଧାରଣ ଲୋକଙ୍କୁ ସଚେତନ କରିବେ।କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ଅଧାପକ ଡ଼ଃ ଲକ୍ଷ୍ମୀକାନ୍ତ ରଥ ପରିଚାଳନା କରିଥିବା ବେଳେ ଅଧାପକ କୃଷ୍ଣା ନନ୍ଦ ପାତ୍ର , ବନମାଳି ପରିଡା , ସୁଧୀର ନନ୍ଦ ,ଚନ୍ଦନ ନନ୍ଦ ,ସବିତା ସାହୁ , ସରୋଜିନୀ ପରିଡା ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ବାସୁଦେବପୁର ବ୍ଲକରେ ମିଳିତ ଜନ ଶୁଣାଣି ଶିବିର



ଭଦ୍ରକ, ୨୬/୧୨ (ନି.ପ୍ର): ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଜନଶୁଣାଣି ଶିବିର ବାସୁଦେବପୁର ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଭଦ୍ରକ ଏସ୍.ପି. ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୮୬ଟି ଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରେ ବ୍ୟକ୍ତିଗତ ସମସ୍ୟା ମୂଳକ ୭୩ଟି ଓ ସାମୂହିକ ସମସ୍ୟା ସମ୍ବନ୍ଧୀୟଟି ୧୧୩ ଅଭିଯୋଗ ଥିଲା । ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ବାସୁଦେବପୁର ବି.ଡ଼ି.ଓ. ସଂଜୀବ କୁମାର ସାହୁ ପ୍ରମୁଖ ଏହି ଶିବିରରେ ଉପସ୍ଥିତ ରହି ଜନାଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । କ୍ୟାନସର୍ ରୋଗର ଚିକିତ୍ସା ପାଇଁ ସି.ଏମ୍.ଆର୍.ଏଫ୍‌ରୁ ଜଣଙ୍କୁ ୧୫ ହଜାର ଓ ଜଣେ ଅସହାୟଙ୍କୁ ରେଡ଼କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିଲେ । ଧାନକିଣା, ରେସନ୍, ରାସ୍ତା ନିର୍ମାଣ, ଆବାସ ଯୋଜନା ଆଦି ସହ ଆଗତ ବିଭିନ୍ନ ବିଭାଗ ସମ୍ବନ୍ଧୀୟ ସମସ୍ୟା ମୂଳକ ଅଭିଯୋଗ ସବୁର ନିୟମାନୁଯାୟୀ ସମାଧାନ ପାଇଁ ପଦକ୍ଷେପ ନେବାକୁ ଶିବିରରେ ଉପସ୍ଥିତ ଜିଲ୍ଲା ଓ ଉକ୍ତ ବ୍ଲକସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

# ୨ ଘଂଟା ଅଟକ ରଖିବା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଅପରାଜିତା

ଭୁବନେଶ୍ୱର, ୨୬/୧୨ (ନି.ପ୍ର): ଗତକାଲି ରାତିରେ ରାଜଧାନୀରେ ବିରୋଧ କରାଯିବା ଏବଂ ଅଟକ ରଖିବା ଘଟଣାକୁ ଭୁବନେଶ୍ୱର ଲୋକସଭା ସଦସ୍ୟ ଅପରାଜିତା ଷଡ଼ଙ୍ଗୀ କ୍ଷୋଭ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ସାଂସଦ ଅପରାଜିତା ଷଡ଼ଙ୍ଗୀ ଲେଖିଛନ୍ତି, ମୋତେ ଭୁବନେଶ୍ୱର ୱାର୍ଡ ନଂ-୪୩ରେ ଲକ୍ଷ୍ମୀସାଗର ପୁରୁଣା ଡାକଘର ଗଳିରେ ଦୁଇ ଘଂଟା ଧରି କିଛି ଅସାମାଜିକ ଲୋକ ଅଟକ ରଖିଥିଲେ। ମୁଁ ସ୍ଥାନୀୟ ଲୋକଙ୍କ ନିମନ୍ତ୍ରଣ କ୍ରମେ ସେଠାକୁ ଯାଉଥିଲି। ମୁଁ ପୁଲିସକୁ ଅପେକ୍ଷା କରି କାର୍ ଭିତରେ ୨ ଘଂଟା ବସି ରହିଲି। ମୋର ଦୁଇ ଘଂଟା ସମୟ ନଷ୍ଟ ହେଲା। ମୁଖ୍ୟମନ୍ତ୍ରୀଙ୍କ କାରକେଡକୁ ୫ ମିନିଟ୍ ଅଟକାଯାଇପାରିବ କି ? ସୁରକ୍ଷା ନେଇ ପୁଲିସର ଏଭଳି ପାତରଅନ୍ତର ନୀତି ମୋତେ ଦୁଃଖ ଦେଇଛି। ଏହା ହେଉଛି ଏଠାକାର ଆଇନଶୃଙ୍ଖଳାର ସ୍ଥିତି। ମୋର ନଷ୍ଟ ହୋଇଥିବା ସମୟର କ୍ଷତିପୂରଣ ଦେବେ କି ମୁଖ୍ୟମନ୍ତ୍ରୀ? ଏହା ରାଜ୍ୟ ସରକାରଙ୍କ ବିଦ୍ୱେଷ ମନୋଭାବକୁ ଦର୍ଶାଉଛି।

# ମୁନି ସମାଜର ଜିଲ୍ଲାସ୍ତରୀୟ ବାର୍ଷିକ ଅଧିବେଶନ



ବସ୍ତା, ୨୬/୧୨ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦାସ୍ଥିତ ସଦଗୁରୁ ଶିବମୁନି ଯୋଗ ସେବାଶ୍ରମ ପରିସରରେ ଦୁଇ ଦିନ ବ୍ୟାପୀ ଅନୁଷ୍ଠିତ ମୁନି ସମାଜର ଜିଲାସ୍ତରୀୟ ବାର୍ଷିକ ଅଧିବେଶନ ମଙ୍ଗଳବାର ଉଦଯାପିତ ହୋଇଯାଇଛି । ଏହି ଉତ୍ସବରେ ଜିଲା ମୁନି ସମାଜ ସଭାପତି ଯୋଗାଚାର୍ଯ୍ୟ କମଳାକାନ୍ତ ପାଣିଗ୍ରାହୀ ଅଧକ୍ଷତା କରି ପ୍ରତ୍ୟେକ ମଣିଷ ସୁସ୍ଥ, ନିରୋଗ ରହିଲେ ବିକଶିତ ରାଷ୍ଟ୍ର ଗଠନ ସମ୍ଭବ ବୋଲି କହିଥିଲେ । ମୁଖ୍ୟ ଅତିଥି ଓଡିଶାପ୍ରାନ୍ତ ମୁନିସମାଜର ପୂର୍ବତନ ଅଧକ୍ଷ ଯୋଗାଚାର୍ଯ୍ୟ ଶଶଧର ମୁନି ଯୋଗ ଦେଇ ନୈତିକତା, ସଦାଚାର ହିଁ ପ୍ରକୃତ ଯୋଗ ବୋଲି ମତବ୍ୟକ୍ତ କରିଥିଲେ । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପତଞ୍ଜଳି ଯୋଗ ସମିତି ପ୍ରଭାରୀ ଡ୍. କୁମାର ଗୋପାଳ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଯୋଗୀ ବିକାଶ ସାହୁ, ଯୋଗ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପାଣିଗ୍ରାହୀ, ଯୋଗାଚାର୍ଯ୍ୟ ଦୀପାଞ୍ଜଳି ଦାସ ସାମନ୍ତ, ଯୋଗାଚାର୍ଯ୍ୟ କଳାକୃଷ୍ଣ ମିଶ୍ର ଓ ବାଇଧର ମୁନି ପ୍ରମୁଖ ମଞ୍ଚାସିନ ହୋଇ ଯୋଗ, ପ୍ରାଣାୟାମ ଦ୍ୱାରା ସୁସ୍ଥ, ନିରୋଗ ଜୀବନ ଯାପନ ସମ୍ଭବ ବୋଲି ବକ୍ତବ୍ୟରେ କହିଥିଲେ କ୍ଷ ଜିଲା ସମ୍ପାଦକ ଯୋଗାଚାର୍ଯ୍ୟ ଅନନ୍ତ ପ୍ରଧାନ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଆଶ୍ରମ କମିଟି ସଭାପତି ଯୋଗୀ ଚିତ୍ତରଞ୍ଜନ ସନ୍ଧିବିଗ୍ରହ ଓ ସମ୍ପାଦକ ଯୋଗୀ ସୁଶୀଲ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସତ୍ୟ ପତାକା ଉତ୍ତୋଳନ, ବିଶ୍ୱ ଶାନ୍ତି ଉଦ୍ଦେଶ୍ୟରେ ସମୂହ ପ୍ରଣବ ଯଜ୍ଞ, ବେଦ ପାଠ,ଗୀତା ପାଠ ଓ ଭାଗବତ ପାଠ,ନଗର ପରିକ୍ରମା ଅନୁଷ୍ଠିତ ହୋଇଥିଲା । ଜିଲା ଅନ୍ତର୍ଗତ ବିଭିନ୍ନ ଆଶ୍ରମରୁ ଶତାଧିକ ମହିଳା, ପୁରୁଷ ଉପସ୍ଥିତ ଥିଲେ ।

# ଭିନ୍ନକ୍ଷମ ମଂଚ ତରଫରୁ ଧାରଣା

ଉଦଳା , ୨୬/୧୨ (ନି.ପ୍ର): କପ୍ତିପଦା ବ୍ଲକ ଭିନ୍ନକ୍ଷମ ମଂଚ ତରଫରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାର ପର୍ବ ଆଜି ଡ଼ିସେମ୍ବର ୨୬ ତାରିଖ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି । ଏହା ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ମଂଚ ତରଫରୁ ଘୋଷଣା କରାଯାଇଛି । ମଂଚର ସଭାପତି ମନୋରଂଜନ ଜେନା ଏହାର ନେତୃତ୍ୱ ନେଇଥିବା ବେଳେ ୬ ଦଫା ଦାବୀ ସମ୍ପର୍କିତ ଏକ ଦାବି ପତ୍ର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବାର ଜଣାଯାଇଛି । ଦାବି ଗୁଡ଼ିକ ମଧ୍ୟରେ ଯୋଗ୍ୟ ଭିନ୍ନକ୍ଷମ ହିତାଧିକାରୀଙ୍କୁ ଚିହ୍ନଟ କରି ତୁରନ୍ତ ବାସଗୃହ, ଘରବାଡ଼ି ପଟା, ଅନ୍ତୋଦ୍ଦୟ ଯୋଜନାରେ ଚାଉଳ ଇତ୍ୟାଦି ପ୍ରଦାନ କରାଯାଉ ବୋଲି ଉଲ୍ଲେଖ ରହିଛି ।

# ବିଲାଡାରେ ଦୁଇ ଟ୍ରକ୍ ମଧ୍ୟରେ ଧକ୍କା: ତିନିଜଣଙ୍କ ମୃତ୍ୟୁ

ଯୋଧ୍ପୁର, ୨୬/୧୨ (ନି.ପ୍ର): ଯୋଧପୁର ଗ୍ରାମୀଣର ବିଲାଡା ନିକଟ କାପରଡାରେ ଜାତୀୟ ରାଜଥରେ ସଡ଼କ ଦୁର୍ଘଟଣାରେ ତିନିଜଣଙ୍କ ମୃତ୍ୟୁ ହୋଇଛି। ସଡ଼କ କଡ଼ରେ ଠିଆ ହୋଇଥିବା ଟ୍ରକ୍‌କୁ ପଛରୁ ଆସୁଥିବା ଅନ୍ୟ ଏକ ଟ୍ରକ ଧକ୍କା ଦେଇଥିଲା। ଏହାପରେ ଆହତଙ୍କୁ ବିଲାଡାରେ ଭର୍ତି କରାଯାଇଥିଲା। ଚିକିତ୍ସା ସମୟରେ ତିନିଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଦୁର୍ଘଟଣାରେ ଚାରିଜଣ ଆହତ ହୋଇଛନ୍ତି। ଜଣେ ଗୁରୁତର ଆହତଙ୍କୁ ଜୋଧପୁର ରେଫର କରାଯାଇଥିବା ବେଳେ ତିନିଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦିଆଯାଇଛି। ଥାନା ଅଧିକାରୀ ଭଂବରଲାଲ କହିଛନ୍ତି ଯେ ଉଦୟପୁରର ଏକ ଟ୍ରକ୍ ଟାଇଲ ନେଇ ଆସୁଥିଲା। ବିଲାଡା ନିକଟରେ ହାଇୱେ ଉପରେ କାପରଡ଼ାରେ ହଠାତ୍ ଟ୍ରକ୍‌ରେ ଟେକ୍‌ନିକାଲ ତ୍ରୁଟି ଦେଖାଦେଇଥିଲା। ଚାଳକ ଟ୍ରକ୍‌କୁ ସଡ଼କ କଡ଼ରେ ଠିଆ କରାଇଥିଲେ।

# ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ତରଫରୁ ବିଜେଡିର ପ୍ରତିଷ୍ଠା ଦିବସ ଅବସରରେ ଦିବସ ବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର, ୨୬/୧୨ (ନି.ପ୍ର): ଆଜି ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଦିବସ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ସଦର ବିଧାୟକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି ।ସକାଳ ୮ ଘଟିକାରେ ଗାନ୍ଧିସ୍ମୃତି ଭବନରୁ ଏକ ବିଶାଳ ଗଣଦୌଡ ଅନୁଷ୍ଠିତ ହୋଇଥିଲା, ଏହି ଗଣଦୌଡକୁ ବିଧାୟକ ସ୍ୱରୂପ ଦାସ ଦଳୀୟ ପତାକା ଦେଖାଇ ଉଦଘାଟନ କରିଥିବା ବେଳେ ଏହି ଗଣଦୌଡ ଡି ଆଇ ସି ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସମାପନ ହୋଇଥିଲା। ଗଣଦୌଡରେ ବହୁ ଛାତ୍ର, ଯୁବ, ମହିଳା ଓ ଦଳୀୟ କର୍ମୀ ଅଂଶ ଗ୍ରହଣ କରିଥିଲେ।ଏହି ଗଣଦୌଡରେ ମହିଳା ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ସଂଧ୍ୟାରାଣୀ ଜେନା,ଦିତୀୟ ସ୍ଥାନରେ କବିତା ମୃମୁ,ତୃତୀୟ ସ୍ଥାନରେ ରଞ୍ଜିତା ପଣ୍ଡା ରହିଥିବା ବେଳେ ପୁରୁଷ ବିଭାଗରେ ପ୍ରଥମରେ ସିତାଂଶୁ ଶେଖର ସେନାପତି, ଦିତୀୟରେ ଲକ୍ଷ୍ମୀକାନ୍ତ ମୃମୁ, ତୃତୀୟ ସ୍ଥାନରେ ଇଶ୍ୱର କୁମାର ପାତ୍ର ବିଜୟୀ ହୋଇଥିଲେ।ଏହା ପରେ ବିଧାୟକଙ୍କ ଦ୍ୱାରା ବିଜୟୀ ମାନଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ସହରର ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ବଣ୍ଟନ ସହ ବାଲିଘାଟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି ଅବସରରେ ଗାନ୍ଧିସ୍ମୃତି ଭବନରେ ଏକ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।ଏହି ସଭାରେ ବିଜେଡିର ଜିଲ୍ଲା ସାଧାରଣ ସମ୍ପାଦକ ତଥା ଆମ ଓଡିଶା ନବୀନ ଓଡିଶାର ଜିଲ୍ଲା ସଂଯୋଜକ ରଂଜନ ବାଗ ସଭାପତିତ୍ୱ କରିଥିବା ବେଳେ ବିଧାୟକ ସ୍ୱରୂପ ଦାସ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ପ୍ରତ୍ୟେକ ଜନସାଧାରଣଙ୍କ ପାଖରେ ପହଁଚାଇବା ପାଇଁ ସମସ୍ତ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ ଏବଂ ଆସନ୍ତା ନିର୍ବାଚନରେ ବିଜୁ ଜନତା ଦଳକୁ ବିପୁଳ ବିଜୟ କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ପୌରପରିଷଦ ଉପାଧକ୍ଷ କୈଳାସ ସେଠୀ, ବିଜେଡି ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା,ଟାଉନ ବିଜେଡି ସଭାପତି ସନତ ଦାସ,ରାଜ୍ୟ ମହିଳା ଉପ ସଭାପତି ଶ୍ରଦ୍ଧାଞ୍ଜଳି ରାୟ, ଟାଉନ ମହିଳା ସଭାପତି ମୀନା ମହାନ୍ତି, ସଦର ମହିଳା ସଭାପତି ଜ୍ୟୋତିରାଣୀ ମାଝି,ଜିଲ୍ଲା ପରିଷଦ ସଭ୍ୟା ସୋନାଲି ବିଶ୍ୱାଳ, ଯୁବ ଜୋନାଲ ସାଧାରଣ ସମ୍ପାଦକ ତଥା ମିଡିଆ ସଂଯୋଜକ ଧିରେନ ନାୟକ, ସଦର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସେକ ଅନସର, ସଦର ବ୍ଲକ ଯୁବ ସଭାପତି ଦିଲ୍ଲିପ ମହାନ୍ତି, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡି, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସଂଗ୍ରାମ ମଲ୍ଲିକ, ନଗର ଛାତ୍ର ସଭାପତି ବିଭୁଦତ ପରିଡା,ଅର୍ବାନ ବ୍ୟାଙ୍କ ଉପ ସଭାପତି ନିଶାମଣୀ ପ୍ରଧାନ,ଜିଲ୍ଲା ମହିଳା ସମ୍ପାଦିକା ମୋନାଲିସା ପାଣିଗ୍ରାହୀ, କାଉସିଲର ମୀତା ପଟ୍ଟନାୟକ, କବିତା ମୃମୁ, ମୀରାଜ ବାନୋ, ସଂଧ୍ୟାରାଣୀ ଜେନା, ସବିତା ଦାସ, ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ, ଶୋଭା ମହାପାତ୍ର, ଶଶିରେଖା ମହାନ୍ତି, ସେକ ଆୟୁବ, କାର୍ତିକ ସାହୁ, ସୁନିଆ ମୃମୁ, ମହିଳା ରାଜ୍ୟ ସମ୍ପାଦିକା ଦୀପାରାଣୀ ସାହୁ, ଜୟଶ୍ରୀ ବିଶ୍ୱାଳ ଏବଂ ସଦର ନିର୍ବାଚନ ମଣ୍ଡଳୀର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଦଳୀୟ ନେତୃବୃନ୍ଦ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ବିଜେଡି ସମ୍ପାଦକ ମନୋଜ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# କେକେଏସ୍ କଲେଜ ଓଡ଼ିଆ ବିଭାଗର ଶୈକ୍ଷିକ ପରିଭ୍ରମଣ




ବାଲେଶ୍ୱର, ୨୬/୧୨ (ନି.ପ୍ର): ବାଲେଶ୍ୱର ସହର ମାଣିଖମ୍ବସ୍ଥିତ କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟ ଓଡ଼ିଆ ସ୍ନାତକ ଓ ସ୍ନାତକୋତ୍ତର ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଶୈକ୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ରାଜକିଶୋର ପଣ୍ଡିତଙ୍କ ତତ୍ତ୍ୱାବଧାନରେ ଏହି ଦିନିକିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଛାତ୍ରୀମାନେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶକ୍ତିପୀଠ ସମ୍ପର୍କରେ ଗବେଷଣା କରିଥିଲେ। ନୀଳଗିରିରେ ଥିବା ବାଲେଶ୍ୱର ଜିଲାର ଅନ୍ୟତମ ପ୍ରାଚୀନ ଜଗନ୍ନାଥ ମନ୍ଦିର, ମା'ଲକ୍ଷ୍ମୀ ମନ୍ଦିର, ରାଜବାଟୀ, ଗୌଡ଼ିୟ ମଠ ପରିଦର୍ଶନ କରିବା ସହ ଜଗନ୍ନାଥ ସଂସ୍କୃତି ଉପରେ ଅଧ୍ୟୟନ କରିଥିଲେ। ପରେ ସେମାନେ ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ମା' ଅମ୍ବିକା ପୀଠ ପରଭ୍ରମଣ କରିଥିଲେ। ଶକ୍ତିପୀଠର ମହିମା ଏବଂ ଦେବକୁଣ୍ଡରେ ଥିବା ୫ଟି ସାଗର ବିଷୟରେ ଅବଗତ ହୋଇଥିଲେ। ଗପ, କବିତା, ଉପନ୍ୟାସ ଭଳି ସାହିତ୍ୟ ସର୍ଜନା କଲା ବେଳେ ସ୍ରଷ୍ଟାଙ୍କ ସୃଷ୍ଟି ପ୍ରାକୃତିକ ପରିବେଶ; ନଦୀ, ଝରଣା, ପାହଡ଼, ଜଙ୍ଗଲ, ପଶୁ ପକ୍ଷୀ କିପରି ସାହିତ୍ୟିକମାନଙ୍କୁ ଭାବୁକ କରେ ପ୍ରଭାବିତ କରେ ସେଦିଗରେ ଅଧ୍ୟାପକ ଅଧ୍ୟାପିକା ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଅଧ୍ୟାପିକା ଡ. ଅର୍ଚ୍ଚନା ପଟ୍ଟାୟତ, ଶୁଭଶ୍ରୀ ନାୟକ, ଡ. ପ୍ରତୀଚୀ ନନ୍ଦ, ସୁଚୀସ୍ମିତା ମହାଳିକ, ଦେବସ୍ମିତା ସାହୁ, ଅଧ୍ୟାପକ ଡ. ଜୟନ୍ତ ପରିଡ଼ା, ଡ. ଜଗନ୍ନାଥ ଖଟୁଆ, କାଶୀନାଥ ଗିରି ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ




ଉଦଳା , ୨୬/୧୨ (ନି.ପ୍ର): ନୂଆସାହିସ୍ଥିତ କପ୍ତିପଦା କନିଷ୍ଠ ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନାର ଶୀତ କାଳିନ ସ୍ୱତନ୍ତ୍ର ସେବା ଶିବିର ପୋଷ୍ୟ ଗ୍ରମ ଦୁଣ୍ଡରିଆ (ମିରିଗୋଠଣା) ଠାରେ ଚଳିତ ଡ଼ିସେମ୍ବର ୨୫ ତାରିଖ ସୋମବାର ଦିନ ଉଦ୍‌ଘାଟିତ ହୋଇ ଯାଇଛି । ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଚେୟାରମ୍ୟାନ ବିକାଶ କୁମାର ବେହେରା ଓ ସ୍ଥାନୀୟ ୱାର୍ଡ଼ମେମ୍ବର ଦେବେନ୍ଦ୍ର ମଲ୍ଲିକ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସ୍ୱତନ୍ତ୍ର ସେବା ଶିବିରକୁ ଉଦ୍‌ଘାଟନ କରି ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଶିବିରରେ ମୋଟ ୫୨ ଜଣ ଛାତ୍ର ଛତ୍ରୀ ଅଂଶ ଗ୍ରହଣ କରିଛନ୍ତି । ପ୍ରୋଗ୍ରାମ ଅଫିସର ଅଧାପକ ଅମ୍ବିକା ପ୍ରସାଦ ପୁଥାଳ ଆଜି ଠାରୁ ୭ ଦିନ ଧରି ଚାଲିବାକୁ ଥିବା ଏହି ଶିବିରର ଦୈନନ୍ଦିନର ରୂପ ରେଖ କିପରି ରହିବ ସେ ସମ୍ପର୍କରେ ଅବଗତ କରାଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo